ଧରିତ୍ରୀ
DHARITRI
December 15-21, 2019 ₹ 2/-

ଛୁଟିଦିନ

# ଅଭିଶପ୍ତ



୪
ପ୍ରଚ୍ଛଦ ପ୍ରସଙ୍ଗ

ସେ ହାତଠାରି ଡାକେନା ସତ। ହେଲେ ତା' ଆକର୍ଷଣରେ ମଣିଷ
ଆପେ ଟାଣି ହୋଇ ଚାଲିଯାଏ। ତା' ମୋହରେ ପଡ଼େ। ଆଉ ସେହି
ମୋହ ଶେଷରେ ନେଇଯାଏ ତା' ଜୀବନ। ଦୁନିଆ କହେ ତାହା ଥିଲା
ଅଭିଶପ୍ତ। ଯଦିଓ ବିଜ୍ଞାନ ଏହାକୁ ମାନେନା।
ହେଲେ ଯେତେ ଖୋଜିଲେ ବି ଉତ୍ତର ମିଳେନା କି
ରହସ୍ୟ ଖୋଲେନା...



ସିନେମା
୮/୯

୧୩
ସହରଠୁ ଦୂର

## ନୂଆ ଚାକିରୀ ପାଇଁ..

କୌଣସି କାରଣ ବସତଃ ଚାକିରୀ ଚାଲିଗଲେ ଅନେକେ ଡିପ୍ରେସନର ଶିକାର ହୋଇଥାନ୍ତି। ତେବେ ଏଭଳି ସମୟରେ ନିରାଶ ନ ହୋଇ ଧର୍ଯ୍ୟର ସହ ନୂତନ ଚାକିରୀ ସନ୍ଧାନ କରିବା ଉଚିତ। ତେବେ ନୂଆ ଚାକିରୀ ପାଇଁ କ'ଣ ସବୁ କରିବା ଆବଶ୍ୟକ ଆସନ୍ତୁ ଜାଣିବା।





* ସର୍ବପ୍ରଥମେ ନିଜର ବାୟୋଡାଟାକୁ ଅପଡେଟ କରନ୍ତୁ।
* ବନ୍ଧୁ ପରିଜନ, ସାଙ୍ଗସାଥି ତଥା ପୁରାତନ କର୍ମଚାରୀଙ୍କୁ ନୂଆ ଚାକିରୀ ପାଇଁ ରେଫରେନ୍ସ ମାଗିପାରିବେ।
* ଚାକିରୀ ପ୍ରଦାନ କରୁଥିବା କନସଲଟାନ୍ସି ତଥା ବିଭିନ୍ନ ସଂସ୍ଥାର ଏଚ୍ ଆର୍ ଙ୍କ ସହ ସମ୍ପର୍କ କରିପାରିବେ।
* କ୍ୟାରିୟରକୁ ଯଦି ନୂଆଦିଗ ଦେବାକୁ ଚାହାଁନ୍ତି ତେବେ କ୍ୟାରିୟର କାଉନସିଲରଙ୍କ ସହ ଯୋଗାଯୋଗ କରିପାରିବେ।
* ସକାରାତ୍ମକ ମନୋଭାବ ସହ ଇଣ୍ଟରଭ୍ୟୁ ପାଇଁ ନିଜକୁ ପ୍ରସ୍ତୁତ କରନ୍ତୁ।
* ନୂଆ ଚାକିରୀ ଜଏନ୍ କରିବା ପୂର୍ବରୁ ଦରମାକୁ ନେଇ ନମନୀୟ ରୁହନ୍ତୁ। ପୂର୍ବରୁ ନିର୍ଦ୍ଧିଷ୍ଟ ଦରମା ସ୍ଥିରିକୃତ କରି ରଖନ୍ତୁ ନାହିଁ।
* ଏହି ସମୟରେ ନିଜର ଆତ୍ମ ବିଶ୍ୱାସକୁ ସୁଦୃଢ ରଖିବା ନିହାତି ଜରୁରୀ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଡିସେମ୍ବର ୧୫-୨୧

**ମେଷ**
କାର୍ଯ୍ୟସିଦ୍ଧି, ଆନୁଷ୍ଠାନିକ ସଫଳତା, କାରବାରରେ ଉନ୍ନତି, ଅର୍ଥଲାଭ, ପରୋକ୍ଷ ଶତ୍ରୁତା, ସହକର୍ମୀଙ୍କ ଅନୁରକ୍ତି, ଦୂରଯାତ୍ରା। ଲୋକସମ୍ପର୍କ ବୃଦ୍ଧି, ମାନସିକ ପ୍ରଫୁଲ୍ଲତା, ନିଷ୍ପତ୍ତି ପରିବର୍ତ୍ତନ କରିବେ, ଶାରୀରିକ ସୁସ୍ଥତା, ଶତ୍ରୁ ଉପଦ୍ରବ ହ୍ରାସ, ମଉଜ ମଜଲିସ, ବନ୍ଧୁମିଳନ, ନୂଆ ସମ୍ପର୍କ ସୃଷ୍ଟି।

**ବୃଷ**
ଆନୁଷ୍ଠାନିକ ନିମନ୍ତ୍ରଣ, ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ, ଅତିଥିସେବା, ସୌଖୀନ ଦ୍ରବ୍ୟ କ୍ରୟ, ଲାଭବାନ୍ ହେବେ। ବ୍ୟୟ ବୃଦ୍ଧି, ଯାନବାହନ ନବୀକରଣ, ଶୁଭ ଖବର ପ୍ରାପ୍ତି, ଚାକିରି ଅଫର ଆସିପାରେ, କଳାପ୍ରିୟ ହେବେ, ବନ୍ଧୁସମ୍ପର୍କ ସୃଷ୍ଟି।

**ମିଥୁନ**
କାର୍ଯ୍ୟରେ ବିଶୃଙ୍ଖଳା, ଭଗ୍ନ ସ୍ୱାସ୍ଥ୍ୟରେ ଉନ୍ନତି, ବନ୍ଧୁଙ୍କୁ ସାହାଯ୍ୟ, ଆଶାବାଦୀ ହେବେ। ଆତ୍ମନିର୍ଭରଶୀଳ ହେବେ, ଦୂରଯାତ୍ରା, ସଞ୍ଚୟ ବୃଦ୍ଧି, ସମସ୍ୟା ସମାଧାନ, ଅର୍ଥସଙ୍କଟ, ପଡ଼ୋଶୀଙ୍କ ପ୍ରତାରଣା।

**କର୍କଟ**
ଗୌରବାନ୍ୱିତ ହେବେ, ବନ୍ଧୁ ସମାଗମ, ସଭାସମିତିକୁ ଆହ୍ୱାନ। ମଉଜ ମଜଲିସ, ଶୁଭ ଖବର ପାଇବେ। ସହଯୋଗ ପାଇବେନି, ଋଣଗ୍ରସ୍ତ ହେବେ, ଯାନବାହନ ବିକ୍ରି। ଘର ସାଜସଜ୍ଜା, ରୋଗନାଶ।

**ସିଂହ**
ସୁସ୍ଥତା ଫେରିବ, ବନ୍ଧୁଙ୍କ ସହାନୁଭୂତି, ମିଷ୍ଟାନ୍ନ ଲାଭ, ସହଯୋଗ, ବୁଝାମଣା ନେଇ ତିକ୍ତତା, ଶ୍ରମଜନିତ କ୍ଳାନ୍ତିବୋଧ, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା। ବନ୍ଧୁଙ୍କୁ ମିଶିବେ, ମନୋରଞ୍ଜନର ମଉକା, ବ୍ୟବସାୟିକ ଉନ୍ନତି।

**କନ୍ୟା**
ବନ୍ଧୁଙ୍କ ସଦ୍‌ଭାବ, ଗୃହଭୂମି ଲାଭ, ଅଧ୍ୟୟନରେ ଉନ୍ନତି। ଲକ୍ଷ୍ୟ ପୂରଣ, ଦୁର୍ଭାବନା ବଢ଼ିଚାଲିବ, ସହକର୍ମୀଙ୍କ ଅସହଯୋଗ। ଭ୍ରମଣଜନିତ କ୍ଳାନ୍ତିବୋଧ, ଧର୍ମକାର୍ଯ୍ୟ କରିବେ, ସନ୍ତାନବତ୍ସଳ ହେବେ।

**ତୁଳା**
ସୁସ୍ଥ ମାନସିକତା, ଦ୍ୱନ୍ଦ୍ୱର ଅବସାନ, ବ୍ୟବସାୟିକ ସଫଳତା, ଲୋକସମ୍ପର୍କ ବୃଦ୍ଧି, ଆଲୋଚନା, ଲାଭବାନ୍ ହେବେ। ବନ୍ଧୁ ଅସହଯୋଗ, ସମ୍ପର୍କହାନି, ମକଦ୍ଦମାରୁ ଦୁଶ୍ଚିନ୍ତା, ପରିସ୍ଥିତିକୁ ସଜାଡ଼ିବେ, କର୍ମକ୍ଷେତ୍ରରେ ସମସ୍ୟା, ନୂଆବନ୍ଧୁ ସମ୍ପର୍କ।

**ବିଛା**
ସୁଯୋଗ ହରାଇବେ, ବ୍ୟୟାଧିକ୍ୟରୁ ଅନୁତାପ, ପାରିବାରିକ ସମସ୍ୟା, ପଦମର୍ଯ୍ୟାଦା ବୃଦ୍ଧି, ଯାତ୍ରାରେ ସଫଳତା, ଯୁକ୍ତିତର୍କରୁ ଅଶାନ୍ତି, ସ୍ୱାସ୍ଥ୍ୟରେ ଉନ୍ନତି। ପ୍ଲଟିଂ କାରବାରରେ ସଫଳତା, ଉପରିସ୍ଥଙ୍କ ଅନୁକମ୍ପା।

**ଧନୁ**
ନୂଆ ଯୋଜନାରମ୍ଭ, ବୈଷୟିକ ଅଭିବୃଦ୍ଧି, ଶିକ୍ଷା ପରୀକ୍ଷାରେ ଉନ୍ନତି, ସମସ୍ୟାକୁ ସୁଧାରିବେ, ମନୋରଞ୍ଜନ କାର୍ଯ୍ୟକ୍ରମ, ମନଟା ବିଗିଡ଼ି ଯିବ, ସ୍ତ୍ରୀଙ୍କ ଅଭିଯୋଗ, ଟେନ୍‌ସନ ବଢ଼ିଯିବ, ଠକାମିରେ ପଡ଼ିପାରନ୍ତି।

**ମକର**
ସମ୍ପର୍କହାନି, ଛୋଟ କଥାରୁ ଝଗଡ଼ା, ଓଲଟା ବୁଝାମଣା, ବନ୍ଧୁଙ୍କ ସନ୍ଦେହ, ପ୍ରଶାସନିକ ସଫଳତା, ପ୍ରକାଶନରେ ସମସ୍ୟା, ଅଶାନ୍ତିକର ପରିବେଶ, ଅପମାନିତ ହୋଇପାରନ୍ତି, ନୀଚ ସଂସର୍ଗରୁ ସମାଲୋଚନା।

**କୁମ୍ଭ**
ମିତ୍ରଲାଭ, କାର୍ଯ୍ୟସିଦ୍ଧି, ଉଚ୍ଚ ସମ୍ମାନ, ସ୍ୱଜନ ଶତ୍ରୁତା, ବିବାଦୀୟ ସ୍ଥିତି, ଅପଦସ୍ଥ ହୋଇପାରନ୍ତି, ଶୁଭ ଖବର ପାଇବେ, ଅର୍ଥ ଆଦାୟ, ନୂତନ କାର୍ଯ୍ୟାରମ୍ଭ, ସମ୍ପର୍କୀୟଙ୍କ ସୌହାର୍ଦ୍ଦ୍ୟ, ରୋଗପୀଡ଼ା ବୃଦ୍ଧି। କୃଷି ପଶୁରେ ଉନ୍ନତି, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ।

**ମୀନ**
ଆର୍ଥିକ ଅନଟନ, ଅପ୍ରିୟ ସତ୍ୟରୁ ବିବାଦ, ବନ୍ଧୁ ବିରୋଧୀ ହୋଇପାରନ୍ତି, ଭ୍ରମଣ ଓ କାର୍ଯ୍ୟସିଦ୍ଧି, ଅତିଥି ଚର୍ଚ୍ଚା। ବୈବାହିକ କାର୍ଯ୍ୟର ପ୍ରସ୍ତୁତି, ଯାନ୍ତ୍ରିକ ଦ୍ରବ୍ୟ ଲାଭ, ସହକର୍ମୀଙ୍କ ଆନୁଗତ୍ୟ, ନୀତିଗତ ନିଷ୍ପତ୍ତି ନେବେ, ନୂଆ ସମ୍ପର୍କ ଯୋଡ଼ିବେ।

## ନାପ୍ ଷ୍ଟୋର

ବ୍ୟସ୍ତବହୁଳ ଜୀବନ ଭିତରେ ଶାନ୍ତିର ନିଦ ଶୋଇବା ଲାଗି କାହା ପାଖେ ସମୟ ନାହିଁ। କାର୍ଯ୍ୟ ବ୍ୟସ୍ତତା ଏବଂ ସମୟର ଘୋର ଅଭାବ ହେତୁ ଅନେକେ ଅନିଦ୍ରା ଭଳି ରୋଗରେ ମଧ୍ୟ ପିଡିତ ହେଉଛନ୍ତି। ଏହାକୁ ଧ୍ୟାନରେ ରଖି ନ୍ୟୁୟର୍କଠାରେ ଖୋଲିଛି ଏଭଳି ଏକ ନାପ୍ ଷ୍ଟୋର ଯେଉଁଠାରେ ଦୂରଦୂରାନ୍ତରୁ ଲୋକମାନେ ଆସି ଆରାମରେ କିଛି ସମୟ ଶୋଇକରି ବିତାନ୍ତି। ଏହି ଷ୍ଟୋରର ନା' ରହିଛି 'କ୍ୟାସପର'। ଏଠାରେ ୪୫ ମିନିଟ ଶୋଇବା ପାଇଁ ଗ୍ରାହକଙ୍କୁ ୨୫ ଡଲାର ଦେବାକୁ ପଡିଥାଏ। ଆଉ ଏହି ୪୫ ମିନିଟର ନିଦ ଆପଣଙ୍କୁ ଦିନ ସାରାର ଥକାପଣକୁ ଦୂର କରିବାରେ ସାହାଯ୍ୟ କରିଥାଏ। ତେବେ କ୍ୟାସପରର ଇଣ୍ଟେରିୟର ମଧ୍ୟ ବେଶ୍ ଆରାମଦାୟକ। ଗ୍ରାହକଙ୍କୁ ଶାନ୍ତିର ନିଦ ପ୍ରଦାନ କରିବା ଲାଗି ଏଠାରେ ରହିଛି ୯ ଟି କ୍ୟାବିନ



ଯେଉଁଥିରେ ନରମ ଆରାମଦାୟକ ଗଦି ଏବଂ ତକିଆର ବେଡ ରହିଛି। ପ୍ରତ୍ୟେକ କ୍ୟାବିନରେ ଏକ ଟିଭି ମଧ୍ୟ ରହିଛି। ଏହାର ଛାତ ଖୋଲା ଆକାଶ ଭଳି ଦେଖାଯାଏ ଯେଉଁଠି ଆକାଶର ତାରା ସଦୃଶ ଲାଇଟ ମଧ୍ୟ ଲଗାଯାଇଛି।

## ପାଠକୀୟ

❖ପରିବାରର ଆର୍ଥିକ ପରିସ୍ଥିତି ସୁଧାରିବା ପାଇଁ କେବଳ ପୁରୁଷମାନେ ନୁହଁନ୍ତି, ମହିଳାମାନେ ବି ଅଣ୍ଟା ଭିଡ଼ିଥାନ୍ତି। ଏମିତିକି ଦିନରାତିକୁ ଖାତିର ନକରି ଅଟୋ ଚଳାଇ ପରିବାର ପ୍ରତିପୋଷଣ ବି କରିଥାନ୍ତି। ସେମିତି କେତେଜଣ ଅଟୋ ଚଳାଇ ପରିବାରର ଦୁର୍ବଳ ଆର୍ଥିକ ଅବସ୍ଥାକୁ ସୁଧାରିଥିବା ମହିଳାମାନଙ୍କୁ ନେଇ ଉପସ୍ଥାପନା ହୋଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଅଟୋ ରାଣୀ' ବିଷୟଟି ଖୁବ୍ ହୃଦୟସ୍ପର୍ଶୀ ହୋଇପାରିଥିଲା। 'ଜନ୍ମ ମାସରୁ ଜାଣନ୍ତୁ ବ୍ୟକ୍ତିତ୍ୱ' ପାଠଟିରୁ ଅନେକ ଅଜଣା କଥା ଜାଣିବାକୁ ମିଳିଲା। ସେହିପରି 'ସର୍ବାଧିକ ହୀରା ଖଚିତ ମୁଦି' ଫଟୋଟି ଖୁବ୍ ସୁନ୍ଦର ଦେଖାଯାଉଥିଲା।

*–ରାକେଶ ମହାନ୍ତି, ଭଦ୍ରକ*

❖ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ଅଟୋ ରାଣୀ' ପାଠଟି ସତରେ ଏକ ପ୍ରେରଣାଦାୟୀ ବିଷୟ ଥିଲା। 'ମଲ୍ଟି କଲର୍ ଜୁଏଲେରୀ' ପାଠଟିରୁ ବି ଅନେକ ନୂଆ କଥା ଜାଣିବାକୁ ମିଳିଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ସଙ୍ଗୀତ ନିର୍ଦ୍ଦେଶକ ହେମନ୍ତ କୁମାରଙ୍କ ବିଷୟରେ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେ କେମିତି ଇଂଜିନିୟରିଂ ଚାକିରି ଛାଡ଼ି ସଙ୍ଗୀତ ନିର୍ଦ୍ଦେଶନା ପ୍ରତି ଆଗ୍ରହୀ ଥିଲେ ତାହା ଏହି ପାଠରୁ ଜାଣିହେଲା। ଅନ୍ୟପକ୍ଷେ ସୃଜନ ପୃଷ୍ଠାରେ ସ୍ଥାନିତ ସମସ୍ତ ଗପ ଓ କବିତାଗୁଡ଼ିକ ବି ବେଶ୍ ଉଚ୍ଚକୋଟୀର ହୋଇପାରୁଛି।

*–ସୌମ୍ୟରଞ୍ଜନ ପଣ୍ଡା, କ୍ରିଦାଶପୁର, ନୟାଗଡ଼*

❖ସିନେମା ପୃଷ୍ଠାରେ ସ୍ଥାନିତ ତାପସୀ ପାନ୍ନୁଙ୍କ ଫଟୋଟି ଖୁବ୍ ସୁନ୍ଦର ହୋଇଥିଲା। ସେହିପରି କ୍ରିତି ସାନନଙ୍କର ପାରିଶ୍ରମିକକୁ ନେଇ କ'ଣ ଚିନ୍ତା ରହିଛି ଆଉ ରଣବୀର କପୁର ତାଙ୍କର ଫୁଟବଲ୍ ନିଶା ପାଇଁ କେମିତି ଆଘାତ ପାଇଲେ ତାହା ବି ଏଥିରୁ ଜାଣିବାକୁ ମିଳିଲା। ଅନ୍ୟପକ୍ଷେ ଚକ୍ଷୁରୋଗ ବିଶେଷଜ୍ଞ ତଥା ସାମାଜିକ କର୍ମୀ ଡା. ତରୁଣ କୁମାର ପଣ୍ଡାଙ୍କ ରୋଜଗାର ସମ୍ପର୍କିତ ଲେଖାଟି ମୋ ମନକୁ ବେଶ୍ ଛୁଇଁ ପାରିଥିଲା।

*–ଅଶ୍ୱିନୀ କୁମାର ବରାଳ, ନରସିଂହପୁର, କଟକ*


❖'ଟ୍ୟାଙ୍କ ଏମିତି ବି' ପାଠଟି ସତରେ ଏକ ଆଶ୍ଚର୍ଯ୍ୟକର ଆଲେଖ୍ୟ ଥିଲା। ଏଥିରୁ ଅନେକ ଅଜବ ଅଜବ ଟ୍ୟାଙ୍କ ସମ୍ପର୍କରେ ଜାଣିହେଲା। ମଡେଲ୍ ମିରର୍‌ରେ ସମତା ବେଶ୍ ସୁନ୍ଦରୀ ଲାଗୁଥିଲେ। ଅନ୍ୟପକ୍ଷେ ସହର ପୃଷ୍ଠାରୁ ଫୁଲରେ ସଜ୍ଜିତ କାସ୍ ମାଳଭୂମି ସମ୍ପର୍କରେ ଅନେକ ଅଜଣା କଥା ଜାଣି ଖୁସି ଲାଗିଲା। ହାଃ ହାଃ ବି ବେଶ୍ ମଜାଦାର୍ ହୋଇପାରୁଛି।

*–ରବୀନ୍ଦ୍ର ପାଣିଗ୍ରାହୀ, ସୁନ୍ଦରଗଡ଼*

❖ବିବିଧା ପୃଷ୍ଠାରେ ସ୍ଥାନିତ 'ପ୍ରେମ ପାଇଁ ରକ୍ତପାନ' ପାଠଟି ଏକ ଆଶ୍ଚର୍ଯ୍ୟକର ଆଲେଖ୍ୟ ଥିଲା। ସତରେ କେହି କ'ଣ ପ୍ରେମ ପାଇଁ କାହାର ରକ୍ତପାନ କରିପାରେ! ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଲକ୍ସ୍ୟୁରିୟସ୍ ଭାସମାନ ମାନସନ୍', 'ଚଢ଼େଇଙ୍କ ପାଇଁ ବହୁତଳ ପ୍ରାସାଦ' ଏବଂ 'ଭୁଲତା ଥିବା କୁକୁର' ଆଦି ପାଠଗୁଡ଼ିକ ବେଶ୍ ମଜାଦାର୍ ହୋଇପାରିଥିଲା।

*–ଦେବସ୍ମିତା ଦାସ, ବିଞ୍ଝାରପୁର, ଯାଜପୁର*

## ବିଶେଷ ଚିଠି



ପତ୍ରିକା ମଞ୍ଚରେ ରୂପସୀ ନାୟିକା
ଧରିତ୍ରୀର ଛୁଟିଦିନ।
ରୂପରେ ରଙ୍ଗରେ ଭାଷା ବର୍ଣ୍ଣାଳୀରେ
ମୋହିନିଏ ପ୍ରତିଦିନ।
ପ୍ରଚ୍ଛଦ ପ୍ରସଙ୍ଗ କାର୍ଟୁନ୍‌ରେ ବ୍ୟଙ୍ଗ
ସାଥୀ ମନଛୁଆଁ କଥା
ସିନେମା ଖବର ଯାତ୍ରା ସମାଚାର
ବଢ଼ିଆ ଗପ, କବିତା।
ଛୁଟିଦିନ ତୁମେ ଥରେ ନ ଆସିଲେ
ବୁଝେ ନି ଅବୁଝା ମନ
ନୂଆ ନୂଆ ଲେଖା ନେଇକି ଆସିବ
ନିଶ୍ଚେ ରବିବାର ଦିନ।

*–ଶରତ କୁମାର ଚଉଁରୀ, ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795


ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ରହସ୍ୟମୟ ପର୍ଯ୍ୟଟନ ସ୍ଥଳୀ

**ଏମିତି କିଛି ପର୍ଯ୍ୟଟନସ୍ଥଳ ରହିଛି, ଯାହା କେବଳ ତା'ର ସୌନ୍ଦର୍ଯ୍ୟ ପାଇଁ ନୁହେଁ। ତା'ର ରହସ୍ୟ ପାଇଁ ବି ପର୍ଯ୍ୟଟକଙ୍କୁ ନିଜ ଆଡକୁ ସବୁବେଳେ ଆକର୍ଷିତ କରିଥାଏ...**

**ଡୁମାସ୍ ବେଳାଭୂମି:** ଆରବ ସାଗର କୂଳରେ ଥିବା ଗୁଜରାଟର ଡୁମାସ ବେଳାଭୂମି ପର୍ଯ୍ୟଟକଙ୍କୁ ଆକର୍ଷଣ କରେ। ଏହି ବେଳାଭୂମି କଳାବାଲି ଓ ଭୌତିକ ଘଟଣା ପାଇଁ ଜଣାଶୁଣା। ଏକଦା ଏହି ବେଳାଭୂମି ଘାଟରେ ଶବଦାହ କରାଯାଉଥିଲା। ଏବେ ମଧ୍ୟ ରାତିରେ ଏଠାରେ କାହାର କାନ୍ଦଣା ଓ ଫୁସ୍‌ଫୁସ୍ କଥାବାର୍ତ୍ତା ଶୁଣିବାକୁ ମିଳେ। ସକାଳୁ ମର୍ନିଂୱାକ୍ କିମ୍ବା ପର୍ଯ୍ୟଟନରେ ଆସିଥିବା କେତେକ ଏଭଳି ଶବ୍ଦ ଶୁଣିଥିବା କୁହନ୍ତି। କୁହାଯାଏ ଯେ, ଏହି ରହସ୍ୟପୂର୍ଣ୍ଣ ବେଳାଭୂମିରେ


ଡୁମାସ୍ ବେଳାଭୂମି



ରାମୋଜୀ ଫିଲ୍ମ ସିଟି


ଅଗ୍ରସେନ୍ ବାଓଲି


ଫିରୋଜ୍ ଶାହ କୋଟ୍‌ଲା ଦୁର୍ଗ



ଡାଓ ହିଲ୍ ଷ୍ଟେଶନ୍

ଗବେଷଣା କରୁଥିବା ବହୁ ଲୋକଙ୍କର ମୃତ୍ୟୁ ଘଟିଛି। ତେବେ ସେସବୁର କାରଣ ଜଣାପଡ଼ି ନାହିଁ ।

**ଡାଓ ହିଲ୍ ଷ୍ଟେଶନ୍:** ପଶ୍ଚିମବଙ୍ଗର କୁର୍‌ସିଓଙ୍ଗ୍‌ସ୍ଥିତ ଡାଓ ହିଲ୍ ଷ୍ଟେଶନ୍‌ର ଶାନ୍ତ ପରିବେଶ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ। କିନ୍ତୁ ଡିସେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଏହି ହିଲ୍ ଷ୍ଟେଶନ୍ ଶୁନଶାନ୍ ରୁହେ। ଏହି ହିଲ୍ ଷ୍ଟେଶନ୍‌କୁ ହଣ୍ଟେଡ୍ ବୋଲି ଲୋକେ କୁହନ୍ତି। ପାର୍ବତ୍ୟାଞ୍ଚଳରେ ଥିବା ଏହି ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ହିଲ୍ ଷ୍ଟେଶନ ଅନେକ ଲୋକଙ୍କ ମୃତ୍ୟୁର ମୂକସାକ୍ଷୀ। ସେଥିପାଇଁ ଏହି ରାସ୍ତାରେ ଯିବାବେଳେ ଦେହ ଶିହରି ଉଠେ ବୋଲି କୁହାଯାଏ। ବିକଟାଳ ସ୍ୱର ଏବଂ ଭୂତପ୍ରେତଙ୍କ ଛାଇ ଲୋକମାନଙ୍କୁ ଦେଖାଯାଏ। ଜଙ୍ଗଲକୁ ଗଛ କାଟିବା ପାଇଁ ଯାଉଥିବା ଲୋକମାନେ ଭୂତଙ୍କ ଛାଇ ଦେଖିବା ସହ ମୁଣ୍ଡ ବିହୀନ ଶରୀର ହଠାତ୍ ଦୃଶ୍ୟମାନ ହୋଇ ପୁଣି ଅଦୃଶ୍ୟ ହୋଇଯାଉଥିବା କହିଥାନ୍ତି।

**ଫିରୋଜ୍ ଶାହ କୋଟ୍‌ଲା ଦୁର୍ଗ:** ଫିରୋଜ ଶାହ ତୋଗଲକ ତାଙ୍କ ପ୍ରେମିକାଙ୍କ ଉଦ୍ଦେଶ୍ୟରେ ତିଆରି କରିଥିଲେ ଏହି ଦୁର୍ଗ ସମେତ ଫିରୋଜାବାଦ ସହର। ଏବେ ଏହି ଦୁର୍ଗକୁ ହଣ୍ଟେଡ୍ କୁହାଯାଉଛି। ଏଥି ଯୋଗୁ ଏଠାରେ ଏବେ ପର୍ଯ୍ୟଟକଙ୍କ ଭିଡ଼ କମ୍ ରହିଥାଏ। ଦୁର୍ଗଟି ସୁନ୍ଦର କିନ୍ତୁ ରହସ୍ୟପୂର୍ଣ୍ଣ। କୁହାଯାଏ ଯେ, ଦୁର୍ଗର ଧ୍ୱଂସାବଶେଷରେ ଜିନ୍ ରୁହନ୍ତି। ଏହି ସ୍ଥାନକୁ ପରୀମାନେ ଭ୍ରମଣରେ ଆସନ୍ତି। ଏହାଛଡ଼ା ଏଠାରେ ପୂର୍ବରୁ ବହୁ ଆତ୍ମହତ୍ୟା ଘଟଣା ଘଟିଛି। ଏଠାରେ ନିର୍ମିତ ଘରଗୁଡ଼ିକର ସମ୍ମୁଖ ଦ୍ୱାର ବିପରୀତ ଦିଗକୁ ତିଆରି ହୋଇଛି। ଏସବୁ କାରଣରୁ ଏହାର ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ ଏହି ଦୁର୍ଗ ଭିତରକୁ ଯିବାକୁ ମନା କରିଥାନ୍ତି।

**ଶାନିୱାରୱାଡ଼ା ଦୁର୍ଗ:** ମହାରାଷ୍ଟ୍ରର ପୁଣେ ସହରରେ ରହିଛି ଶାନିୱାର୍‌ୱାଡ଼ା ଦୁର୍ଗ। ୧୭୪୬ରେ ଏହା ନିର୍ମାଣ କରାଯାଇଥିଲା। ୧୮୧୮ମସିହା ପର୍ଯ୍ୟନ୍ତ ଏଠାରେ ମରହଟ୍ଟା ପେଶୱାମାନଙ୍କର ରାଜତ୍ୱ ଥିଲା। ଏହାପରେ ପେଶୱାମାନେ ବ୍ରିଟିଶ୍‌ମାନଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ। ଏହି ଦୁର୍ଗ ପେଶୱାମାନଙ୍କ ଉନ୍ନତଶୈଳୀର


ଶାନିୱାରୱାଡ଼ା ଦୁର୍ଗ

କଳାକୃତି ପାଇଁ ପ୍ରସିଦ୍ଧ ଥିଲା। ତେବେ ଏହି ଦୁର୍ଗରେ ଏବେ ଭୂତପ୍ରେତ ଚଳପ୍ରଚଳ ହେଉଥିବା କୁହାଯାଏ। ଜଣେ ୧୩ ବର୍ଷର ଯୁବରାଜଙ୍କୁ ଏହି ଦୁର୍ଗରେ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ମଧ୍ୟରାତ୍ରିରେ ଏହି ଦୁର୍ଗ ମଧ୍ୟରୁ ଯୁବରାଜଙ୍କ ଚିତ୍କାର ଶୁଣିବାକୁ ମିଳେ ବୋଲି କୁହାଯାଏ। ଏପରିକି ପୂର୍ଣ୍ଣିମା ରାତିରେ ଯୁବରାଜଙ୍କ ଆତ୍ମା ଅଧିକ ସକ୍ରିୟ ହୋଇଯାଏ ବୋଲି ଲୋକ କୁହନ୍ତି।

**ରାମୋଜୀ ଫିଲ୍ମ ସିଟି:** ରାମୋଜୀ ଫିଲ୍ମ ସିଟି ଫିଲ୍ମ ନିର୍ମାତାଙ୍କ ପାଇଁ ଏକ ବଡ଼ ପ୍ଲାଟ୍‌ଫର୍ମ କହିଲେ ଭୁଲ ହେବ ନାହିଁ। ତେବେ ଏହି ସ୍ଥାନରେ ହୋଇଥିବା ବଡ଼ ବଡ଼ ହୋଟେଲ ତିଆରି ପଛରେ ବହୁ ବିବାଦୀୟ କାହାଣୀ ରହିଛି। କୁହାଯାଏ ଯେ,ଏଠାରେ ଆଲୌକିକ ଘଟଣାମାନ ଘଟିଥାଏ। ଯେଉଁ ସ୍ଥାନରେ ରାମୋଜୀ ଫିଲ୍ମ ସିଟି ତିଆରି ହୋଇଛି ସେଠାରେ ଏକ ନିଷ୍ଠୁର ଓ ନିର୍ମମ ଯୁଦ୍ଧ ଘଟିଥିଲା। ସେହି ଯୁଦ୍ଧରେ ବହୁତ କିଛି ନଷ୍ଟଭ୍ରଷ୍ଟ ହୋଇଯାଇଥିଲା। ଲୋକଙ୍କ କହିବାନୁଯାୟୀ ଏବେ ସେଠାକୁ ଯେଉଁମାନେ ଯାଆନ୍ତି ସେମାନଙ୍କ ଉପରେ କେହି ଅତର୍କିତ ଭାବେ ଆକ୍ରମଣ କରେ। ଏଥିରେ ସେମାନେ ଗୁରୁତର ଭାବେ ଆହତ ମଧ୍ୟ ହୋଇଥିବା କହିଛନ୍ତି। ଆଉ କେତେକଙ୍କ କହିବାନୁଯାୟୀ ଅଧିକାଂଶ ଝିଅ ହିଁ ଭୂତମାନଙ୍କ ଶିକାର ହେଉଛନ୍ତି। କେହି ଅଦୃଶ୍ୟ ଶକ୍ତି ସେମାନଙ୍କ ପୋଷାକ ନେଇଯିବା, ରୁମ୍‌ରେ କେହି ନ ଥିବା ବେଳେ ବାଥ୍‌ରୁମ୍ କବାଟ ଠକ୍‌ଠକ୍ ହେବା ଆଦି ଘଟଣାମାନ ଘଟିଥାଏ ବୋଲି ଲୋକେ କୁହନ୍ତି।

**ଅଗ୍ରସେନ୍ ବାଓଲି:** ଚିରସ୍ମରଣୀୟ ସ୍ମାରକୀ କେବେ କାହାର ପ୍ରାଣ ନେଇଯିବ ତାହା ସହଜରେ ବିଶ୍ୱାସ ହୁଏନାହିଁ। କିନ୍ତୁ ଦିଲ୍ଲୀର କେନ୍ଦ୍ରରେ ଥିବା ଏହି ସ୍ମାରକୀ ଅଦ୍ଭୁତ ତଥା ରହସ୍ୟମୟ । କୁହାଯାଏ ଚତୁର୍ଦ୍ଦଶ ଶତାବ୍ଦୀରେ ଏହି ବାଓଲି(ଗଭୀର କୂପ)କୁ ମହାରାଜ ଅଗ୍ରସେନ ନିର୍ମାଣ କରିଥିଲେ। ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ଶୁଷ୍କ। ଦିନଥିଲା ଏହି ବାଓଲି କଳା ମଟମଟ ପାଣିରେ ପରିପୂର୍ଣ୍ଣ ଥିଲା। ଏହି କଳାପାଣି ଲୋକମାନଙ୍କୁ ମନ୍ତ୍ରମୁଗ୍ଧ କରି ନିଜ ଆଡ଼କୁ ଆକର୍ଷିତ କରୁଥିଲା। ପାଣିରେ ନିଜ ଜୀବନକୁ ଉତ୍ସର୍ଗ କରିବା ପାଇଁ ବଶୀଭୂତ କରୁଥିବା ଏହି ପାଣି ହତ୍ୟାକାରୀ ଥିଲା ବୋଲି କୁହାଯାଏ। ଲୋକମାନେ ବଶୀଭୂତ ହୋଇ ପାଣିକୁ ଡେଇଁ ନିଜ ଅଜାଣତରେ ଆତ୍ମହତ୍ୟା କରୁଥିଲେ ବୋଲି ସ୍ଥାନୀୟ ଲୋକେ କହିଥାନ୍ତି।

ଏକ ଆଶ୍ଚର୍ଯ୍ୟ, କିନ୍ତୁ ସତ୍ୟ
ଅରିଜିନାଲ
ଶ୍ରୀ ଯନ୍ତ୍ର
କୋହିନୂର ଅଟେ ସବୁଦିନ ପାଇଁ
ପ୍ରଥମ ଦିନରୁ ହିଁ ପ୍ରଭାବ ଦେଖନ୍ତୁ
ଘର-ଦୋକାନ-ଅଫିସ୍ ଇତ୍ୟାଦିର ପୂଜା ସ୍ଥାନରେ ରଖନ୍ତୁ ଓ ଦେଖନ୍ତୁ
ଶ୍ରୀ ଯନ୍ତ୍ରର ଚମତ୍କାର...

4500/-
ମାତ୍ର 790/- ରେ
ମାଗଣା ହୋମ୍ ଡେଲିଭରୀ
ବେଦ ଓ ଧର୍ମଗ୍ରନ୍ଥ ଅନୁଯାୟୀ - ଘରେ ସବୁ ପ୍ରକାରେ ସବୁ ବ୍ୟକ୍ତିଙ୍କ ରକ୍ଷା କରେ। • କୁବେରଙ୍କ ଧନର ଲାଭ • ଲକ୍ଷ୍ମୀ ସଦା ପ୍ରସନ୍ନ ଖରାପ ସମୟ ମଧ୍ୟ ନିଜର ଦିଗ ବଦଳାଇଦିଏ • ପରିବାରରେ ପ୍ରେମ ବଢ଼େ • ଘରେ ରୋଗର ବାସ ହୁଏନାହିଁ • ଚାକିରି ଓ ବ୍ୟବସାୟରେ ବୃଦ୍ଧି ହୁଏ • ପାଠପଢ଼ାରେ ପିଲାଙ୍କ ରୁଚି ହେବାକୁ ଲାଗେ • ଏଥିରେ ସମସ୍ତ ୨ ଗ୍ରହର ପୀଡ଼ାର ନିବାରଣ ଅଛି • ଏହା ସବୁ ଧର୍ମ ଦ୍ୱାରା ପୂଜନୀୟ • ଶ୍ରୀ ଯନ୍ତ୍ର ଘରେ ରଖିବା ଦ୍ୱାରା ଗୃହ ଶାନ୍ତି ଓ ବାସ୍ତୁ ଦୋଷର ନିବାରଣ ମଧ୍ୟ ଆପେ ଆପେ ହୋଇଯାଏ • ଆସ୍ଥା ମଧ୍ୟ ରଖନ୍ତୁ, ଅନେକ ଗୁଣ ଭାରି ଲାଭ ପ୍ରାପ୍ତ ହେବ।
ଆପଣଙ୍କ ନାମ ଓ ସ୍ଥାନ ଆଧାରରେ ଶୁଭ ମୁହୂର୍ତ୍ତରେ ବିଧି ବିଧାନ ଅନୁସାରେ ମନ୍ତ୍ରିତ କରାଯିବ
ଶ୍ରୀ ଯନ୍ତ୍ର ଜ୍ୟୋତିଷ ଓ ବିଜ୍ଞାନ ଉଭୟ ଆଧାରରେ ରଖିବା ଶୁଭ ବୋଲି ବିଚାର କରାଯାଏ।
ଶ୍ରୀ ଯନ୍ତ୍ର ରଖିବା ଦ୍ୱାରା ନିରନ୍ତର ଲକ୍ଷାଧିକ ଲୋକଙ୍କୁ ଭଲ ପରିଣାମ ମିଳିବାରେ ଲାଗିଛି।
ସିଦ୍ଧ ଓ ପ୍ରାଣ ପ୍ରତିଷ୍ଠିତ ପଇଁତାଳିଶ ଶହ ମୂଲ୍ୟର ଶ୍ରୀ ଯନ୍ତ୍ର ଏବେ ମାତ୍ର 790/- ରେ
ପ୍ରଭାବ ଅନୁଭୂତ ନ ହେଲେ ଯେକୌଣସି ସମୟରେ 70% ଟଙ୍କା ଫେରସ୍ତ
ଗୁରୁକୁଳ ଆଶ୍ରମ ଧାମ
ଗୃହ ନକ୍ଷତ୍ର ଡାଇମଣ୍ଡ ଜୁଏଲର୍ସ, 11 ମା' ଝଣ୍ଡେୱାଲା ମନ୍ଦିର, ଜାମଡୋଲି ମାର୍ଗ, ଜୟପୁର
ପୂଜା ସ୍ଥାନ:- ଜୟପୁର, କାଶୀ, ତିରୁପତି, ପ୍ରୟାଗରାଜ କିମ୍ବା ବୃନ୍ଦାବନ ଆଦି।
ଏହି ମୂଲ୍ୟରେ ବୁକିଂ କେବଳ ଦୁଇ ଦିନ ଆଜି ଓ କାଲି
ନୋଟ୍: ଆପଣ ନବରତ୍ନ ଓ ରାଶିରତ୍ନ ମୁଦି ମଧ୍ୟ ଅର୍ଡର କରିପାରିବେ। ତାହା ମଧ୍ୟ ଏବେ ~~4500 ଟଙ୍କା~~ ବଦଳରେ 790/- ଟଙ୍କାରେ ଉପଲବ୍ଧ।
କୌଣସି ପଣ୍ଡିତ କିମ୍ବା ବିଦ୍ୱାନ୍‌ଙ୍କୁ ପଚାରିବାର ଆବଶ୍ୟକତା ନାହିଁ ।
SMS କିମ୍ବା ଫୋନ୍‌ରେ ହିଁ ଅର୍ଡର କରନ୍ତୁ: 9166021237, 9636092237, 9672708648, 9672645185
ଯେବେ ସିଦ୍ଧ ଶ୍ରୀ ଯନ୍ତ୍ର କିମ୍ବା ମୁଦି ଆପଣଙ୍କ ନିକଟକୁ ସିଦ୍ଧ ହୋଇ ଆସିବ ତେବେ ହିଁ ଆପଣଙ୍କୁ ୭୨୦/- ଟଙ୍କା ସେହି ବ୍ୟକ୍ତିଙ୍କୁ ପେଠ କରିବାକୁ ହେବ ଯିଏ ଆପଣଙ୍କ ପାଖକୁ ନେଇ ଆସିଥିବେ। (କୌଣସି ଅତିରିକ୍ତ ଚାର୍ଜ ଦେବାକୁ ପଡ଼ିବ ନାହିଁ।)



# ଅଭିଶପ୍ତ



ତାର ଆକର୍ଷଣରୁ କେହି କେବେ ନିଜକୁ ରୋକି ପାରେନା । ଆପେ ଟାଣି ହୋଇ ଚାଲିଯାଏ ତା' ପାଖକୁ । କହିବାକୁଗଲେ ସେ ନିଜ ଆକର୍ଷଣର ମାୟାଜାଲରେ ସମସ୍ତଙ୍କୁ ଟାଣିଆଣେ ନିଜ ପାଖକୁ । ଆଉ ଥରେ ଆସିଗଲେ ସେ ଦିଏ ମୃତ୍ୟୁର ଉପହାର । ନେଇ ଚାଲେ ଗୋଟିକ ପରେ ଗୋଟିଏ ଜୀବନ । କାହା ପାଖକୁ ମୃତ୍ୟୁ କେଉଁ ରୂପରେ ଆସିବ ନ ଥାଏ ତା'ର ଠିକଣା । ଚାଲେ ମୃତ୍ୟୁର ଖେଳ । ଭୟର ବାତାବରଣ ଭିତରେ ଡରି ଡରି ଜିଇଁବାକୁ ହୁଏ । କାରଣ ଜାଣତରେ ହେଉ ଅବା ଅଜାଣତରେ ଅନେକେ ଏଭଳି ଜିନିଷର ସଂସ୍ପର୍ଶରେ ଆସିଥାନ୍ତି ଯାହାକୁ ଦୁନିଆ କହେ ଅଭିଶପ୍ତ...

## ଦ କ୍ରାଇଂ ବୟ ପେଣ୍ଟିଂ, ଯେଉଁଠି ରହିଛି ସେ ଘର ଜଳିଛି

ନିରୀହ ଚେହେରା, ଲୁହଭରା ଆଖି । ଦେଖିଲେ ଲାଗେ ସତେ ଯେମିତି କଅଁଳ ବୟସରେ ଦୁଃଖର ପାହାଡ଼ ଅଜାଡ଼ି ହୋଇପଡିଛି । ଆଉ ତା' ଆଖିରୁ ଝରିଯାଉଛି ଲୁହର ନଦୀ । ବହୁ ଚର୍ଚ୍ଚିତ 'ଦ କ୍ରାଇଂ ବୟ ପେଣ୍ଟିଂ'ର ବାଳକକୁ ଦେଖିଲେ ମନକୁ ଏଇ କଥା ଆସେ । ଆଉ ଯେ କେହି ତା' ମୋହରେ ପଡ଼ିଯାଏ । ହେଲେ ଏଇ ଆକର୍ଷକ ପେଣ୍ଟିଂ ସହ ଜଡିତ ହୋଇ ରହିଛି ଅନେକ ରକ୍ତଭିଜା କାହାଣୀ । ବିଶ୍ୱାସ କରାଯାଏ ଏହି ପେଣ୍ଟିଂ ଅଭିଶପ୍ତ । କାରଣ ଏହା ଯାହା ପାଖକୁ ଯାଇଛି ସେ ଘର ଜଳିପୋଡି ଛାରଖାର ହୋଇଯାଇଛି । ହେଲେ ଆଶ୍ଚର୍ଯ୍ୟଜନକଭାବେ ଭୟାବହ ଅଗ୍ନିକାଣ୍ଡ ଭିତରେ ବି ସେହି ପେଣ୍ଟିଂରେ ଦାଗଟିଏ ମଧ୍ୟ ଲାଗି ନ ଥାଏ । କ୍ରାଇଂ ବୟ ପେଣ୍ଟିଂ ହେଉଛି ଇଟାଲୀୟ ପେଣ୍ଟର୍ ଜିଓଭାନି ବ୍ରାଗୋଲିନଙ୍କର ମାସ୍ ପ୍ରଡ୍ୟୁସ୍‌ଡ ପ୍ରିଣ୍ଟ । ସେ ଏକାଭଳି ଅନେକ ପେଣ୍ଟିଂ କରିଥିଲେ । ୧୯୮୫, ସେପ୍ଟେମ୍ବର ୫ରେ ବ୍ରିଟିଶ ଟାବଲଏଡ ଖବରକାଗଜ 'ଦି ସନ୍' ମୁତାବକ ଦକ୍ଷିଣପୂର୍ବ ଇଂଲଣ୍ଡସ୍ଥ ଏସେକ୍ସର ଜଣେ ଫାୟାର ଫାଇଟର୍ ଦାବି କରିଥିଲେ ଯେ, ଜଳି ଯାଇଥିବା କିଛି ଘରେ ସେ କ୍ରନ୍ଦନରତ ବାଳକଙ୍କର ଫଟୋକୁ ଅକ୍ଷତ ଅବସ୍ଥାରେ ଉଦ୍ଧାର କରିଥିଲେ । ଯେଉଁଠି ଘର ଜଳିପୋଡ଼ି ଛାର୍‌ଖାର ହୋଇଯାଇଥାଏ ସେଠି ପେଣ୍ଟିଂ ଅକ୍ଷତ ଅବସ୍ଥାରେ ରହିବାଟା ତାଙ୍କୁ ଆଶ୍ଚର୍ଯ୍ୟଚକିତ କରିଥିଲା । ତା'ସହ ଏକାଭଳି କ୍ରନ୍ଦନରତ ବାଳକଙ୍କ ଫଟୋ ଭିନ୍ନ ଭିନ୍ନ ଅଗ୍ନିକାଣ୍ଡରେ ଦେଖି ତାଙ୍କ ଆଶ୍ଚର୍ଯ୍ୟ ଦ୍ୱିଗୁଣିତ ହୋଇଯାଇଥିଲା । ଏହି ଘଟଣା ପରେ ହିଁ ଉକ୍ତ ପେଣ୍ଟିଂ ଅଭିଶପ୍ତ ବୋଲି ପ୍ରଚାର ହୋଇଯାଇଥିଲା । ଏହାକୁ ନେଇ ଅନେକ କାହାଣୀ ଯୋଡ଼ି ହୋଇଯାଇଥିଲା । କେହି କେହି କହିଥିଲେ ପେଣ୍ଟିଂ ହେଉଛି

**ସେ ହାତଠାରି ଡାକେନା ସତ। ହେଲେ ତା' ଆକର୍ଷଣରେ ମଣିଷ ଆପେ ଟାଣି ହୋଇ ଚାଲିଯାଏ। ତା' ମୋହରେ ପଡ଼େ। ଆଉ ସେହି ମୋହ ଶେଷରେ ନେଇଯାଏ ତା' ଜୀବନ। ଦୁନିଆ କହେ ତାହା ଥିଲା ଅଭିଶପ୍ତ। ଯଦିଓ ବିଜ୍ଞାନ ଏହାକୁ ମାନେନା। ହେଲେ ଯେତେ ଖୋଜିଲେ ବି ଉତ୍ତର ମିଳେନା କି ରହସ୍ୟ ଖୋଲେନା...**

ଅନାଥ ବାଳକର, ଯାହା ଘର ପୋଡ଼ି ଯାଇଥିଲା । ତେବେ ଏହି ଅଭିଶାପ କାହାଣୀ ପଛର ସତ୍ୟତା ଜାଣିବାକୁ ବ୍ରିଟିଶ ଲେଖକ ତଥା ହାସ୍ୟ କଳାକାର ଷ୍ଟିଭ ପୁଣ୍ଟ ଚେଷ୍ଟା କରିଥିଲେ । ଅନେକ ଗବେଷଣା କରିଥିଲେ । ଆଉ ବିବିସି ରେଡିଓ ୪ରେ ଏକ କାର୍ଯ୍ୟକ୍ରମରେ କହିଥିଲେ ଯେ, ପେଣ୍ଟିଂଗୁଡିକରେ ନିଆଁ ନ ଧରିବା ଲାଗି ଏକପ୍ରକାରର ଭାର୍ନିଷ ଲଗାଯାଇଥିଲା । ହେଲେ ପେଣ୍ଟିଂ ଝୁଲିବା ପାଇଁ ଲାଗିଥିବା ଦଉଡ଼ିରେ ତାହା ବ୍ୟବହାର ହୋଇ ନ ଥିଲା । ତେଣୁ ନିଆଁ ସେଥିରେ ଲାଗି ପୋଡ଼ିଯିବା ଫଳରେ ପେଣ୍ଟିଂ ଓଲଟି ପଡ଼ିଥିଲା । ଫଳରେ ତାହା ପୋଡି ନ ଥିଲା । ତେବେ ଭୟାବହ ଅଗ୍ନିକାଣ୍ଡରେ ଏହା କେତେ ସମ୍ଭବ ଓ ଅନ୍ୟ ପେଣ୍ଟିଂ କ୍ଷେତ୍ରରେ ତାହା କାହିଁକି ଘଟିଲାନି ଅନେକଙ୍କ ମନରେ ପ୍ରଶ୍ନ ଉଠେ ।

**ତୁତନ୍ ଖାମନ୍‌ଙ୍କ ଅଭିଶାପ–** ୧୯୨୨ରେ ବ୍ରିଟିଶ ପ୍ରତ୍ନତତ୍ତ୍ୱବିତ୍ ହାୱାର୍ଡ କାର୍ଟର୍, ଇଜିପ୍ଟର ଭ୍ୟାଲି ଅଫ କିଙ୍ଗ୍ସରୁ ଫାରୋ ତୁତନଖାମନ୍‌ଙ୍କ ସମାଧି ଉଦ୍ଧାର କରିଥିଲେ । ଯେକି ଖ୍ରୀ.ପୂ. ୧୩୨୩ରେ ମାତ୍ର ୧୮ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ । ପୂର୍ବରୁ ଉଦ୍ଧାର ହୋଇଥିବା ସମାଧିଗୁଡ଼ିକ ଲୁଣ୍ଠିତ ଅବସ୍ଥାରେ ଥିବାବେଳେ ତୁତନ୍‌ଖାମନଙ୍କ ସମାଧିକୁ ଦେଖି ଲାଗୁଥିଲା ଯେମିତିକି ଏହାକୁ ପୂର୍ବରୁ କେହି ହାତ ବି ଲଗେଇ ନ ଥିଲେ । ଖୁବ୍ ଶାନ୍ତଚିତ୍ତରେ ଯୁବ ରାଜା ଶୋଇ ରହିଥିବା ଭଳି ଲାଗୁଥିଲେ । ତେବେ ଅଳ୍ପ କିଛିଦିନ ବ୍ୟବଧାନରେ ହାୱାର୍ଡ କାର୍ଟର୍‌ଙ୍କ ଟିମ୍ ସଦସ୍ୟ ଏବଂ ସମାଧି ସ୍ଥଳକୁ ଦେଖିବା ପାଇଁ ଆସିଥିବା ବ୍ୟକ୍ତିଙ୍କର ରହସ୍ୟଜନକ ଭାବେ ମୃତ୍ୟୁ ହେବାକୁ ଲାଗିଲା । ଫଳରେ ସମସ୍ତଙ୍କ ମନରେ ବିଶ୍ୱାସ ଜନ୍ମିଥିଲା ଯେ, ଏହା ହେଉଛି ତୁତନ୍‌ଖାମନ୍‌ଙ୍କ ନିଦ୍ରା ଭଙ୍ଗ କରିବାର ଅଭିଶାପ । ପ୍ରଥମ ମୃତ୍ୟୁ ପ୍ରୋଜେକ୍ଟକୁ ଫାଇନାନ୍ସ କରୁଥିବା ଇଜିପ୍ଟୋଲୋଜିଷ୍ଟ ଲର୍ଡ କାର୍ନାରଭନ୍‌ଙ୍କର ହୋଇଥିଲା । ତାଙ୍କୁ ଏକ ବିଷାକ୍ତ ମଶା କାମୁଡ଼ି ଥିଲା । ପରେ ଅଜାଣତରେ ସେଭିଂ ହେବା ସମୟରେ ସେହି ସ୍ଥାନରେ ହିଁ କଟି ଯାଇଥିଲା । ଫଳରେ ତାହା ଇନଫେକ୍ସନ ହୋଇଗଲା । ଆଉ ରକ୍ତ ବିଷାକ୍ତ ହୋଇ ସମାଧି ଖୋଲିବାର ମାତ୍ର ୪ମାସ ୭ ଦିନରେ ତାଙ୍କର ମୃତ୍ୟୁ ହେଲା । ଏହାପରେ ରେଡିଓଲୋଜିଷ୍ଟ ସର୍ ଅର୍ଚ୍ଚିବାଲ୍ଡ ଡଗ୍ଲାସ୍ ଯେକି ତୁତନ୍‌ଖାମନ୍‌ଙ୍କ ମମିର ଏକ୍ସ-ରେ କରିଥିଲେ, ହଠାତ୍ ଏକ ଅଜଣା ରୋଗରେ ମୃତ୍ୟୁବରଣ କଲେ । ତୁତନ୍‌ଖାମନ୍‌ଙ୍କ ସମାଧି ପରିଦର୍ଶନରେ ଆସିଥିବା ଜର୍ଜ ଜେ. ଗୋଲ୍ଡ ୧ ବି ଜ୍ୱରରେ ମୃତ୍ୟୁବରଣ କରିଥିଲେ । ଏମିତିଭାବେ ସମାଧି ଖୋଲିବାର ୧୦ ବର୍ଷ ଭିତରେ ଜଣକ ପରେ ଜଣେ କରି ୧୧ଜଣଙ୍କ ମୃତ୍ୟୁ ହୋଇଥିଲା । ଯଦିଓ ସମାଧି ଖୋଲିଥିବା ହାୱାର୍ଡ କାର୍ଟର ୧୦ ବର୍ଷ ପରେ ମୃତ୍ୟୁବରଣ କଲେ । ତେବେ ସେସବୁ ମୃତ୍ୟୁ ଅଭିଶାପଜନିତ ଥିଲା ନା ପ୍ରାକୃତିକ ତାହା ଏବେବି ରହସ୍ୟ ଘେରରେ ।

**ମୃତ୍ୟୁର ବସାନୋ ଭେସ୍–** ଏହା ହେଉଛି ୧୫ ଶତାବ୍ଦିର ଏକ ସୁନ୍ଦର ଖୋଦେଇ ହୋଇଥିବା ରୁପାର ଭେସ୍ (ଫୁଲଦାନୀ) । ଇଟାଲୀ, ନାପୋଲିର ଏକ କନିଆକୁ ଉପହାର ସ୍ୱରୂପ ଏହି ଭେସ୍ ଦିଆଯାଇଥିଲା । କିନ୍ତୁ ଦୁଃଖର ବିଷୟ ବିବାହ ରାତିରେ ହିଁ କନିଆଙ୍କୁ ହତ୍ୟା କରାଯାଇଥିଲା । ଆଉ ତାଙ୍କ ହାତରେ ଥିଲା ସେହି ଭେସ୍ । ଏହାପରେ ଉକ୍ତ ଭେସ୍ ତାଙ୍କ ପରିବାର ଲୋକେ ରଖିଥିଲେ । କିନ୍ତୁ ତାକୁ ଯିଏ ବି ରଖିଲେ ଖୁବ୍ କମ୍ ଦିନ ଭିତରେ ରହସ୍ୟଜନକଭାବେ ମୃତ୍ୟୁବରଣ କଲେ । ତେଣୁ ତାକୁ କେଉଁ ଏକ ଅଜଣା ସ୍ଥାନରେ ବାକ୍ସ ଭିତରେ ପୂରାଇ ଲୁଚାଇ ଦିଆଗଲା । ତେବେ ବାକ୍ସ ଭିତରେ →



ତୁତନ୍‌ଖାମନ୍‌ଙ୍କ ସମାଧି



ଦ ଆଙ୍ଗୁଇସ୍‌ଡ ମ୍ୟାନ୍ ପେଣ୍ଟିଂ



"ସାବଧାନ! ଏହି ଭେସ୍ ମୃତ୍ୟୁ ଆଣିଥାଏ" ଲେଖି ଏକ କାଗଜ ରଖାଯାଇଥିଲା । କିନ୍ତୁ ୧୯୮୮ରେ ଏହାକୁ ପୁଣିଥରେ ଦେଖିବାକୁ ମିଳିଥିଲା । ଆଉ ନିଲାମ କରାଯାଇଥିଲା । ବହୁମୂଲ୍ୟ ଦେଇ ତାକୁ ଜଣେ ସ୍ଥାନୀୟ ଫାର୍ମାସିଷ୍ଟ ନେଇ ଯାଇଥିଲେ । ଆଉ ଅନେକଦିନ ଧରି ବନ୍ଦ ହୋଇଯାଇଥିବା ମୃତ୍ୟୁର ଖେଳ ପୁଣି ଆରମ୍ଭ ହୋଇଗଲା । ମାତ୍ର ୩ ମାସ ଭିତରେ ସେହି ଫାର୍ମାସିଷ୍ଟଙ୍କର ରହସ୍ୟଜନକ ମୃତ୍ୟୁ ଘଟିଲା । ଘଟଣା ପରେ ପରିବାର ଲୋକେ ଭେସ୍‌ଟିକୁ ଜଣେ ବିଶିଷ୍ଟ ସର୍ଜନଙ୍କୁ ବିକ୍ରି କରିଦେଲେ, ଯେକି ଅଭିଶାପ ଆଦିକୁ ବିଶ୍ୱାସ କରୁ ନ ଥିଲେ । ତେବେ ମାତ୍ର ୨ ମାସରେ ସେହି ସର୍ଜନଙ୍କର ବି ମୃତ୍ୟୁ ହେଲା । ସେତେବେଳେ ତାଙ୍କୁ ବୟସ ମାତ୍ର ୩୭ ବର୍ଷ ହୋଇଥିଲା । ଏହାପରେ ଭେସ୍‌ଟିକୁ ଜଣେ ପ୍ରତ୍ନତତ୍ତ୍ୱବିତ୍ ନିଜ ସଂଗ୍ରହ ପାଇଁ କିଣିଥିଲେ । ଆଉ ମାତ୍ର ୩ ମାସ ପରେ ଅଜଣା ସଂକ୍ରମଣ ପାଇଁ ତାଙ୍କର ମୃତ୍ୟୁ ହେଲା । ତାଙ୍କ ପରିବାର ଲୋକେ ଅଭିଶପ୍ତ ଭେସ୍‌କୁ ବହୁ କମ୍ ମୂଲ୍ୟରେ ବିକିଦେଲେ । ଭେସ୍‌ର ନୂଆ ମାଲିକ ମାତ୍ର ୧ ମାସରେ ମୃତ୍ୟୁବରଣ କଲେ । ଆଉ ତାଙ୍କ ପରିବାର ଲୋକେ ତାକୁ ଝରକାପଟୁ ବାହାରକୁ ଫିଙ୍ଗିଦେଲେ । ହେଲେ ଦୁର୍ଭାଗ୍ୟବଶତଃ ତାହା ଜଣେ ପୋଲିସ୍‌ଙ୍କୁ ବାଜିଲା । ଆଉ ସେ ତାଙ୍କୁ ଫାଇନ୍ ଲଗାଇ ଭେସ୍ ନେବାକୁ କହିଲେ । ମୃତକଙ୍କ ପରିବାର ଲୋକେ କହିଥିଲେ ଜେଲ ଯିବୁ ପଛେ ସେହି ଅଭିଶପ୍ତ ଭେସ୍ ରଖିବୁ ନାହିଁ । ପରେ ସେହି ପୋଲିସ କର୍ମଚାରୀ ବିଭିନ୍ନ ସଂଗ୍ରହାଳୟକୁ ଦେବାକୁ ଚେଷ୍ଟା କରିଥିଲେ । ହେଲେ ଭେସ୍‌ଟିକୁ କେହି ବି ରଖି ନ ଥିଲେ । ବିଶ୍ୱାସ କରାଯାଏ, ଶେଷରେ ସେ ଏକ ପୁରୁଣା ସମାଧି ଖୋଳି ଏକ ଲିଡ୍‌ର କଫିନ୍‌ରେ ଭେସ୍‌କୁ ରଖି ପୋତିଦେଇଥିଲେ ।

**ଆନାବେଲ୍ ଦ ଡଲ୍–** କନେକ୍ଟିକଟ୍, ହାର୍ଟଫୋର୍ଡରେ ନର୍ସିଂ ପଢୁଥିଲେ ଡୋନା । ଦିନେ ତାଙ୍କ ମା' ଏକ ସେକେଣ୍ଡହ୍ୟାଣ୍ଡ ଦୋକାନରୁ ପୁରୁଣା ଜୀର୍ଣ୍ଣ କଣ୍ଢେଇଟିଏ କ୍ରିସ୍‌ମାସ୍ ଉପହାରଭାବେ କିଣି ତାଙ୍କୁ ପ୍ରଦାନ କରିଥିଲେ । କଣ୍ଢେଇଟି ତାଙ୍କୁ ବହୁତ ଭଲ ଲାଗିଥିଲା । ତେବେ ତାହା ଘରକୁ ଆସିବା ପରଠାରୁ ଅଜବ ଘଟଣା ଘଟିବାକୁ ଲାଗିଲା । କଣ୍ଢେଇକୁ ଯେଉଁ ସ୍ଥାନରେ ରଖାଯାଉଥିଲା ପରବର୍ତ୍ତୀ ସମୟରେ ତାକୁ ଅନ୍ୟ ସ୍ଥାନରେ ଦେଖିବାକୁ ମିଳୁଥିଲା । କାଗଜରେ ଲେଖା ଅନେକ ଛୋଟ ବାର୍ତ୍ତା ପାଇବାକୁ ଲାଗିଲେ । ପରବର୍ତ୍ତୀ ସମୟରେ ଜଣାପଡ଼ିଲା ଯେ, କଣ୍ଢେଇରେ ଏକ କୁନି ଝିଅର ଆତ୍ମା ପ୍ରବେଶ କରିଥିଲା । ଦିନେ ସେହି ଆତ୍ମା ଡୋନାଙ୍କ ବନ୍ଧୁଙ୍କୁ ବି ଆକ୍ରମଣ କରିଥିଲା । ଏହାପରେ ସେମାନେ ଭୂତପ୍ରେତ ଉପରେ ଅଧ୍ୟୟନ କରୁଥିବା ଇଡ୍ ଓ ଲୋରେନ୍ ୱାର୍ନରଙ୍କୁ ଏସମ୍ପର୍କରେ ଜଣାଇଥିଲେ । ଆଉ ତାଙ୍କୁ କଣ୍ଢେଇଟିକୁ ନେଇଯିବାକୁ କହିଥିଲେ । ୱାର୍ନର ଜଣେ ପୂଜକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ । କିନ୍ତୁ ସେ ଏହାକୁ ଗମ୍ଭୀରତାର ସହ ନ ନେଇ ଆନାବେଲ କଣ୍ଢେଇକୁ କେବଳ ଏକ ଜୀର୍ଣ୍ଣ କଣ୍ଢେଇ କହିଥିଲେ । ଆଉ ସେ ଘରକୁ ଯିବା ରାସ୍ତାରେ ଏକ ବଡ଼ ଦୁର୍ଘଟଣାର ଶିକାର ହେଲେ । ପରେ କଣ୍ଢେଇକୁ ତିନିପଟ କାଠ ଓ ଗୋଟିଏ ପଟ କାଚ ଥିବା ବାକ୍ସ ଭିତରେ ୱାର୍ନର ଓକଲ୍ଟ ମ୍ୟୁଜିୟମ୍‌ରେ ରଖିଲେ । ପ୍ରତିଦିନ ଏହି ମ୍ୟୁଜିୟମ୍‌କୁ ପଣ୍ଡିତ ଆସି ପୂଜା କରନ୍ତି । ତେବେ ଦିନେ ଉକ୍ତ ମ୍ୟୁଜିୟମକୁ ଆସିଥିବା ଜଣେ ବ୍ୟକ୍ତି ସଂଗ୍ରହାଳୟର ନିୟମ ଅବମାନନା କରି ଆନାବେଲ୍ କଣ୍ଢେଇର କାଚ ଭାଙ୍ଗି ଆନାବେଲ୍‌କୁ ଛୁଇଁଥିଲେ । ଘଟଣାର କିଛି ସମୟ ପରେ ସଡ଼କ ଦୁର୍ଘଟଣାରେ ସେ ମୃତ୍ୟୁବରଣ କଲେ । ତେବେ ଏବେବି ଏହି କଣ୍ଢେଇରେ ହଲ୍‌ଚଲ୍ ହେବା ଲକ୍ଷ୍ୟ କରାଯାଏ ।

**ବସ୍‌ବି ଷ୍ଟୁପ୍ ଚେୟାର–** 'ଡେଥ୍ ମ୍ୟାନ୍ସ ଚେୟାର' ଭାବେ ମଧ୍ୟ ଏହି ଚେୟାର ପରିଚିତ । ଯେ କେହି ଏହି ଚେୟାରରେ ବସନ୍ତି ମୃତ୍ୟୁ ନିଶ୍ଚୟ ଆସେ । ବିଶ୍ୱାସ କରାଯାଏ ଏହା ଏକ ଅଭିଶପ୍ତ ଚେୟାର । କୁହାଯାଏ ଏ ଚେୟାର ହେଉଛି ହତ୍ୟାକାରୀ ଥୋମାସ୍ ବସ୍‌ବିଙ୍କର । ଯେକି ନିଜ ଶ୍ୱଶୁର ଔଟିଙ୍କର ହତ୍ୟା କରିଥିଲା । ଦୁହେଁ ମିଶି ଜାଲ ମୁଦ୍ରା ଓ ଅନ୍ୟ ଅପରାଧିକ ବ୍ୟବସାୟ କରୁଥିଲେ । ଦିନେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା । କୁହାଯାଏ ବସ୍‌ବିଙ୍କ ଓକ୍ କାଠରେ ତିଆରି ପ୍ରିୟ ଚେୟାର୍‌ରେ ଔଟି ବସିବା ଯୋଗୁ ଝଗଡ଼ା ହୋଇଥିଲା । ଆଉ ଝଗଡାର ଅନ୍ତ ହତ୍ୟାରେ ହୋଇଥିଲା । ବସ୍‌ବି ଶ୍ୱଶୁର ଔଟିକୁ ହତ୍ୟା କଲେ । ଏହି ଅପରାଧ ପାଇଁ ବସ୍‌ବିଙ୍କୁ ମୃତ୍ୟୁଦଣ୍ଡ ଧାର୍ଯ୍ୟ କରାଗଲା ।୧୭୦୨, ୟୁକେର ଉତ୍ତର ୟର୍କଶାୟରରେ ମୃତ୍ୟୁଦଣ୍ଡ ଦେବା ପୂର୍ବରୁ ସେ ଏକ ଅନ୍ତିମ ଇଚ୍ଛା ପୂରଣ କରିବାକୁ ନିବେଦନ କରିଥିଲେ । ଆଉ ତାହା ଥିଲା ତାଙ୍କ ପ୍ରିୟ ଚେୟାରରେ ବସି ଶେଷ ଡ୍ରିଙ୍କ୍ କରିବା । ବିଶ୍ୱାସ କରାଯାଏ ଚେୟାରରେ ବସିବା ସମୟରେ ହିଁ ବସ୍‌ବି ଚେୟାରକୁ ଅଭିଶାପ ଦେଇଥିଲେ ଯେ, ଯିଏ ମୋ ଚେୟାର୍‌ରେ ବସିବାର ଦୁଃସାହସ କରିବ ସେ ମୃତ୍ୟୁର ଦ୍ୱାରସ୍ଥ ହେବ । ଏହାପରଠାରୁ ଉକ୍ତ ଚେୟାରରେ ଯେ କେହି ବସିଛନ୍ତି ତାଙ୍କର ମୃତ୍ୟୁ ହୋଇଛି । ଶେଷରେ ଏହାକୁ ଥର୍ସ୍କ ସଂଗ୍ରହାଳୟରେ ରଖାଗଲା । ସେପୁଣି ଛାତରେ ଝୁଲନ୍ତା ଅବସ୍ଥାରେ । ଯେମିତିକି କେହି ଭୁଲରେ ବି ଏହା ଉପରେ ନ ବସନ୍ତି ।


**ଦ ଆଇସ୍ ମ୍ୟାନ୍–** ସେପ୍ଟେମ୍ବର ୧୯୯୧ରେ ଅଷ୍ଟ୍ରିଆ ଓ ଇଟାଲୀ ସୀମାବର୍ତ୍ତୀ ଓଟଜାଲ ପର୍ବତରେ ଦୁଇଜଣ ଜର୍ମାନ ପର୍ବତାରୋହୀ ପର୍ବତାରୋହଣ କରୁଥାଆନ୍ତି । ସେହି ସମୟରେ ସେମାନଙ୍କୁ ମିଳିଲା ସୁସରଂକ୍ଷିତ ଅବସ୍ଥାରେ ଥିବା ପ୍ରାକୃତିକ ମମି । ବିଶ୍ୱାସ କରାଯାଏ ମମି ପାଲଟିଥିବା ବ୍ୟକ୍ତିଜଣକ ଖ୍ରୀ.ପୂ. ୩୩୦୦ ପ୍ରସ୍ତର ଯୁଗର । ପରେ ଏହା 'ଓଟ୍‌ଜୀ' ନାମରେ ପରିଚିତ ହେଲା । ତେବେ ଉଦ୍ଧାର ପରେ ପରେ ଆରମ୍ଭ ହୋଇଯାଇଥିଲା ମୃତ୍ୟୁର ଖେଳ । ରହସ୍ୟଜନକଭାବେ ଆଇସ୍ ମ୍ୟାନ୍ ସଂସ୍ପର୍ଶରେ ଆସିଥିବା ଅନେକଙ୍କର ମୃତ୍ୟୁ ହେଲା । ଆଉ ଲୋକଙ୍କ ମଧ୍ୟରେ ବିଶ୍ୱାସ ଜନ୍ମିବାରେ ଲାଗିଲା ଯେ, ଏ ହେଉଛି ଶହ ଶହ ବର୍ଷ ଧରି ଶାନ୍ତିରେ ଶୋଇ ରହିଥିବା ଆଇସ୍‌ମ୍ୟାନ୍‌କୁ ଉଠାଇବା ଅଭିଶାପର ଫଳ । ପ୍ରଥମେ ଆଇସ୍‌ମ୍ୟାନକୁ ଉଦ୍ଧାର କରିଥିବା ଜର୍ମାନ ପର୍ବତାରୋହୀ ହେଲମଟ୍ ସିମୋନ୍‌ଙ୍କର ପର୍ବତର ସେହି ସ୍ଥାନରେ ଚଢୁଥିବା ସମୟରେ ମୃତ୍ୟୁ ହେଲା । ସିମୋନଙ୍କୁ ସମାଧି ଦେବାର କିଛି ସମୟ ପରେ ମାଉଣ୍ଟେନ୍ ରେସ୍କ୍ୟୁ ଟିମ୍‌ର ମୁଖ୍ୟ ଡିଟର୍ ୱାର୍ନେକ ହୃଦ୍‌ଘାତରେ ମୃତ୍ୟୁବରଣ କଲେ । ଏହାର କିଛିଦିନ ପରେ ପ୍ରତ୍ନତତ୍ତ୍ୱବିତ୍ କନରାଡ୍ ସ୍ପିଣ୍ଡଲର୍, ଯେକି ସେହି ପ୍ରାଗ୍‌ଐତିହାସିକ ମୃତ ଶରୀର ତଥା ଆଇସ୍‌ମ୍ୟାନ୍‌କୁ ପରିଦର୍ଶନ କରିଥିଲେ, ତାଙ୍କଠାରେ ମଲ୍ଟିପଲ୍ ସ୍କଲେରୋସିସ୍ ସମସ୍ୟା(ମସ୍ତିଷ୍କ ଓ ମେରୁଦଣ୍ଡ ଅକାମୀ କରିଦିଏ)ଦେଖାଦେଲା । ଆଉ ତାଙ୍କର ମୃତ୍ୟୁ ହେଲା । ଓଟ୍‌ଜୀକୁ ପରୀକ୍ଷଣ କରୁଥିବା ଫରେନ୍ସିକ ଟିମ୍‌ର ମୁଖ୍ୟ ରେନର୍ ହେନ୍ ଆଇସ୍‌ମ୍ୟାନ୍ ଉପରେ ଭାଷଣ ଦେବାକୁ ଯିବା ସମୟରେ କାର୍ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା । ଆଉ ଜଣେ ପର୍ବତାରୋହୀ କୁର୍ତ ଫ୍ରିଜ୍, ଯେକି ହେନ୍‌ଙ୍କୁ ଆଇସ୍‌ମ୍ୟାନ୍‌ର ଶରୀର ପ୍ରଦାନ କରିଥିଲେ, ତାଙ୍କର ମୃତ୍ୟୁ ତୁଷାର ସ୍ଖଳନରେ ହେଲା । ଓଟ୍‌ଜୀକୁ ବରଫ ପାହାଡ଼ର ସମାଧିରୁ ବାହାର କରିବା ସମୟର ଭିଡିଓ ଉତ୍ତୋଳନ କରିଥିବା ଅଷ୍ଟ୍ରିଆର ସାମ୍ବାଦିକ ରେନର୍ ହୋଏଜଲ୍‌ଙ୍କର ବ୍ରେନ୍ ଟ୍ୟୁମର୍‌ରେ ମୃତ୍ୟୁବରଣ ହେଲା । କେହି କେହି ଏସବୁ ମୃତ୍ୟୁକୁ ବିଧିର ବିଧାନ କହୁଥିବାବେଳେ ଅନେକେ ଆଇସ୍‌ମ୍ୟାନର ଅଭିଶାପର ଫଳ କହିଲେ ।

**ଦ ହ୍ୟାଣ୍ଡସ୍ ରେଜିଷ୍ଟ ହିମ୍ ପେଣ୍ଟିଂ–** ଚିତ୍ରକର ବିଲ୍ ଷ୍ଟୋନହାମ୍ ୧୯୭୨ରେ ଏହି ପେଣ୍ଟିଂ କରିଥିଲେ । ଏଥିରେ ଏକ ଛୋଟ ବାଳକ ପାଖରେ ଏକ ଝିଅ କେଣ୍ଢଇ ଦେଖିବାକୁ ମିଳେ । ଦୁହେଁ ଏକ ଗ୍ଲାସ୍ ପ୍ୟାନେଲ୍‌ର ଦ୍ୱାର ସାମ୍ନାରେ ଠିଆ ହୋଇଛନ୍ତି । କାଚର କବାଟରେ ଅନେକ ହାତ ବି ଦେଖିବାକୁ ମିଳେ । ଷ୍ଟୋନ୍‌ହାମ୍‌ଙ୍କର ଏହି ପେଣ୍ଟିଂରେ ଥିବା ବାଳକଟି ହେଉଛି ସେ ନିଜେ( ୫ ବର୍ଷ ବୟସର ହୋଇଥିବା ବେଳର) । କବାଟଟି ଜାଗ୍ରତ ଦୁନିଆ ଓ କାଳ୍ପନିକ ତଥା ଅସମ୍ଭବ ଦୁନିଆକୁ ଅଲଗା କରୁଥିବା ଦର୍ଶାଏ । ଆଉ କଣ୍ଢେଇଟି ହେଉଛି କାଳ୍ପନିକ ଦୁନିଆକୁ ନେବା ପାଇଁ ଏକ ମାର୍ଗ ଦର୍ଶକ । କାଚ ଦ୍ୱାରରେ ଥିବା ହାତଗୁଡିକ ସମ୍ଭାବନା ତଥା ଅଲଗା ଦୁନିଆର ଜୀବନକୁ ଦର୍ଶାଏ । ତେବେ ଏହି ସୁନ୍ଦର ପେଣ୍ଟିଂଟି ଅଭିଶପ୍ତ ଭାବେ ବହୁ ପରିଚିତ । କାରଣ ଉକ୍ତ ପେଣ୍ଟିଂ ସହ ଜଡିତ ଅନେକ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ୨୦୦୦ ମସିହାରେ ତ ଏହାକୁ ଇ-ବେରେ ଏହାର ଅଭିଶପ୍ତ କାହାଣୀ ସହ ବିକ୍ରି ପାଇଁ ରଖାଯାଇଥିଲା । ଆଉ କିଛି ଲୋକ ଦାବି କଲେ ଯେ, ସେହି ଫଟୋକୁ ପେଜ୍‌ରେ କେବଳ ଦେଖିବା ପରେ ହିଁ ସେମାନେ ଅସୁସ୍ଥ ଅନୁଭବ କରିଥିଲେ । ଏମିତିକି ପେଣ୍ଟିଂଟି ଯେଉଁ ଗ୍ୟାଲେରିରେ ପ୍ରଥମେ ପ୍ରଦର୍ଶିତ ହୋଇଥିଲା ଓ ଉକ୍ତ ପେଣ୍ଟିଂ ଉପରେ ମନ୍ତବ୍ୟ ଦେଇଥିବା କ୍ରିଟିକ୍ ଦୁହିଁଙ୍କର ଏକ ବର୍ଷ ଭିତରେ ମୃତ୍ୟୁ ହୋଇଥିଲା ।

**ଦ ଆଙ୍ଗୁଇସ୍‌ଡ ମ୍ୟାନ୍ ପେଣ୍ଟିଂ–** ଏହା ପୃଥିବୀର ବହୁ ପ୍ରସିଦ୍ଧ ଭୂତପ୍ରେତ ଗ୍ରସ୍ତ ବା ଅଭିଶପ୍ତ ପେଣ୍ଟିଂଭାବେ ପରିଚିତ । ଏହାସହିତ ଅନେକ ଭୟାନକ କାହାଣୀ ସବୁ ଜଡିତ ରହିଛି । କାହାରିକୁ ବି ଜଣା ନାହିଁ ଏହାର ଚିତ୍ରକର କିଏ କିନ୍ତୁ ଏହା ଜଣା ଅଛି ଯେ, ଚିତ୍ରକର ଉକ୍ତ ପେଣ୍ଟିଂ କରିବା ଲାଗି ରଙ୍ଗରେ ନିଜ ରକ୍ତ ମିଶାଇଥିଲେ । ଆଉ ପେଣ୍ଟିଂ ପ୍ରସ୍ତୁତ ହୋଇସାରିବା ପରେ ଆତ୍ମହତ୍ୟା କରିଥିଲେ । ଏହାର ବର୍ତ୍ତମାନର ମାଲିକ ଇଂଲଣ୍ଡ, କମ୍ବ୍ରିଆର ସିନ ରବିନସନ୍ କହନ୍ତି, 'ଏହି ପେଣ୍ଟିଂ ମୁଁ ଜେଜେମା'ଙ୍କଠାରୁ ବଂଶଗତ ଭାବେ ପାଇଛି । ସେ ବି ବିଶ୍ୱାସ କରୁଥିଲେ କି ଏହା ଅଭିଶପ୍ତ ।' ରବିନସନ୍ କହନ୍ତି, ସେ ଯେବେ ଉକ୍ତ ପେଣ୍ଟିଂକୁ ନିଜ ଶୋଇବା ଘରେ ଟଙ୍ଗାଇଥିଲେ ସେଥିରୁ ଫୁସ୍‌ଫୁସ୍ କଥା ଶୁଣିବାକୁ ପାଉଥିଲେ । ଆଉ ରାତିରେ ସେଥିରୁ କରୁଣ କ୍ରନ୍ଦନ ସ୍ୱର ଶୁଭୁଥିଲା । ତା'ସହିତ କିଛି ଛାୟା ଆତଯାତ ହେଉଥିବା ପରି ବି ଲାଗୁଥିଲା ।

ଅଭିଶାପ ବିଜ୍ଞାନ ସମ୍ମତ ନୁହେଁ । ହେଲେ ଅଭିଶପ୍ତ ଜିନିଷ ପାଇଁ ଯାଉଥିବା ଜୀବନ ପଛର ରହସ୍ୟକୁ ଏଯାଏଁ ବିଜ୍ଞାନ ବି ଉନ୍ମୋଚନ କରିପାରିନି । ତେଣୁ ବିଶ୍ୱାସ ଓ ବିଜ୍ଞାନ ଭିତରୁ ମଣିଷ କାହାକୁ ଗ୍ରହଣ କରିବ ଅନେକ ସମୟରେ ଦ୍ୱନ୍ଦ୍ୱରେ ପଡ଼ିଯାଏ ।

–ଶିବାନୀ ମହାନ୍ତି



ଦ ହ୍ୟାଣ୍ଡସ୍ ରେଜିଷ୍ଟ ହିମ୍ ପେଣ୍ଟିଂ



ଦ କ୍ରାଇଂ ବୟ ପେଣ୍ଟିଂ



ବସାନୋ ଭେସ୍



ବସ୍‌ବି ଷ୍ଟୁପ୍ ଚେୟାର




ଆନାବେଲ୍ ଦ ଡଲ୍

# ହେମଲତା




ଓଡ଼ିଆ ଫିଲ୍ମ 'ଅଭିଳାଷ'ର ଗୋଟିଏ ଅତି ଲୋକପ୍ରିୟ ଗୀତ ହେଉଛି 'ଚଗଲା ପବନ ଚଗଲା – ଚଗଲି ମନ ମୋ ଚଗଲି'। ତେବେ ହୁଏତ ଖୁବ୍ କମ୍‌ଲୋକ ଏକଥା ଜାଣିଥିବେ ଯେ ଏହି ଗୀତଟିକୁ ଗାଇଥିଲେ ବଲିଉଡ୍‌ର ଜଣେ ବିଖ୍ୟାତ ଗାୟିକା। ସେ ହେଉଛନ୍ତି ହେମଲତା। ଏହାକୁ ବାଦଦେଲେ ତାଙ୍କର ଆଉଏକ ସୁନ୍ଦର ଓଡ଼ିଆ ଡୁଏଟ୍ ମଧ୍ୟ ରହିଛି। ପ୍ରଣବ ପଟ୍ଟନାୟକଙ୍କ ସହିତ ସେ ଗାଇଥିଲେ 'ତୁନିତୁନି କଥା ଲାଗେ ଭାରି ମିଠା'। ଗୀତ ଦୁଇଟି ଓଡ଼ିଆ ଫିଲ୍ମ ଦୁନିଆର ଦୁଇଟି ମାଇଲଖୁଣ୍ଟ। ଓଡ଼ିଆ ସହିତ ହିନ୍ଦୀ, ବଙ୍ଗଳା, ନେପାଳି, ଭୋଜପୁରୀ, ଉର୍ଦ୍ଦୁ, ହରିଆନ୍‌ଭି, ପଞ୍ଜାବୀ, ବ୍ରଜଭାଷା, ରାଜସ୍ଥାନୀ, ମାଲୟାଲମ୍ ଆଦି ଭାଷାର ଗୀତ ଗାଇ ସେ ଭାରତୀୟ ସଙ୍ଗୀତ ଦୁନିଆରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିବାରେ ସକ୍ଷମ ହୋଇଛନ୍ତି। ୧୯୭୦ ଦଶକରେ ସେ ନିଜର ସୁଲଳିତ କଣ୍ଠସ୍ୱର ପାଇଁ ଅତି ପ୍ରସିଦ୍ଧ ଥିଲେ। ଆଉ ସେହି ସମୟକୁ ହିଁ ହେମଲତାଙ୍କ ଜୀବନର ଏକ ସୁବର୍ଣ୍ଣଖଣ୍ଡ ବୋଲି ବର୍ଣ୍ଣନା କରାଯାଇଥାଏ। ଶାସ୍ତ୍ରୀୟ ସଙ୍ଗୀତରେ ସେ ଥିଲେ ଜଣେ ତାଲିମପ୍ରାପ୍ତ କଣ୍ଠଶିଳ୍ପୀ। ଫିଲ୍ମଠୁ ଆରମ୍ଭ କରି କନସର୍ଟ, ଟେଲିଭିଜନ, ରେକର୍ଡ, କ୍ୟାସେଟ୍ ଆଦିରେ ମଧ୍ୟ ସେ କଣ୍ଠଦାନ କରିଥିଲେ। ୧୯୭୭ରୁ ୧୯୮୧ ମଧ୍ୟରେ ସେ ପାଞ୍ଚଥର ଫିଲ୍ମ ଫେୟାର ବେଷ୍ଟ ଫିମେଲ ପ୍ଲେବ୍ୟାକ୍ ସିଙ୍ଗର ପାଇଁ ମନୋନୀତ ହୋଇଥିଲେ। 'ଚିତଚୋର' ଫିଲ୍ମ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଥିଲା। ରବୀନ୍ଦ୍ର ଜୈନ ଏହି ଫିଲ୍ମର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ କେ.ଜେ.ୟେସୁଦାସଙ୍କ ସହିତ ଡୁଏଟ୍ ଗାନ କରିଥିଲେ। ଗୀତଟି ଥିଲା 'ତୁ ଜୋ ମେରେ ସୁର ମେଁ'।

**ପିଲାବେଳ :** ୧୯୫୪ ମସିହା ଅଗଷ୍ଟ ମାସ ୧୬ ତାରିଖରେ ହାଇଦ୍ରାବାଦର ଏକ ରକ୍ଷଣଶୀଳ ମାରୱାଡ଼ି ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ ହେମଲତା। ବାପା ପଣ୍ଡିତ ଜୟଚନ୍ଦ ଭଟ୍ଟ ଏବଂ ମା' ଅମ୍ବିକା ଭଟ୍ଟ। ତାଙ୍କର ପିତୃଦତ୍ତ ନାମ ଥିଲା ଲତା ଭଟ୍ଟ। ପଣ୍ଡିତ ଜୟଚନ୍ଦ ଭଟ୍ଟ ଥିଲେ ଜଣେ ପ୍ରସିଦ୍ଧ ଶାସ୍ତ୍ରୀୟ ସଙ୍ଗୀତଜ୍ଞ। ହାଇଦ୍ରାବାଦରେ ଜନ୍ମ ହୋଇଥିଲେ ମଧ୍ୟ ହେମଲତା କଲିକତାରେ ବଢ଼ିଥିଲେ। କଲିକତାରେ ହିଁ ତାଙ୍କ ଶୈଶବ ଯୌବନ ଅତିବାହିତ ହୋଇଥିଲା। ପିଲାଟି ବେଳୁ ସେ ଥିଲେ ଜଣେ ସୁରିଲା ଗାୟିକା। ତାଙ୍କୁ ଯେତେବେଳେ ମାତ୍ର ସାତବର୍ଷ ବୟସ ହୋଇଥିଲା ସେତେବେଳେ ତାଙ୍କ ଭିତରେ ଯେ ଜଣେ ପ୍ରସିଦ୍ଧ ଗାୟିକା ହେବାର କଳା ଲୁଚି ରହିଛି ତାହାକୁ ଆବିଷ୍କାର କରିଥିଲେ ତାଙ୍କ ବାପାଙ୍କ ପାଖକୁ ଗୀତ ଶିଖିବା ପାଇଁ ଆସୁଥିବା ଜଣେ ଛାତ୍ର। ତାଙ୍କ ନାମ ଗୋପାଳ ମଲିକ। ସେ ତାଙ୍କୁ ଏକ ଗୀତ ଆସରରେ ମଧ୍ୟ ଗାଇବାକୁ ସୁଯୋଗ ଦେଇଥିଲେ। ସେଇ ସାତବର୍ଷ ବୟସରେ ହିଁ କଲିକତାର ରବୀନ୍ଦ୍ର ଷ୍ଟାଡ଼ିୟମଠାରେ ଆୟୋଜିତ ସଙ୍ଗୀତ ଆସରରେ ଗୀତ ଗାଇ ସମସ୍ତଙ୍କୁ ଚମତ୍କୃତ କରି ଦେଇଥିଲେ ହେମଲତା। ଏହାପରେ ତାଙ୍କ ବାପା ମନସ୍ଥ କରିଥିଲେ ଯେ ଝିଅକୁ ନେଇ ସେ ମୁମ୍ବାଇ (ତତ୍କାଳୀନ ବମ୍ବେ) ଚାଲିଯିବେ।

**ବମ୍ବେ ଆସିବା ପୂର୍ବରୁ :** ଝିଅର ସଙ୍ଗୀତ କ୍ୟାରିଅର ପାଇଁ ତାଙ୍କ ବାପା ବମ୍ବେ ଯିବାକୁ ପ୍ରସ୍ତୁତ ହେଉଥିଲେ। ତେବେ ତାଙ୍କ ବାପା ଜୟଚନ୍ଦ ଭଟ୍ଟଙ୍କର ଜଣେ ନିୟମିତ ଛାତ୍ର ଥିଲେ ସଙ୍ଗୀତ ନିର୍ଦ୍ଦେଶକ ତଥା ଗାୟକ ଦିବଂଗତ ରବୀନ୍ଦ୍ର ଜୈନ। ସେ ପ୍ରତ୍ୟେକ ଦିନ ଜୟଚନ୍ଦଙ୍କ ନିକଟକୁ ଗୀତ ଗାଇବା ପାଇଁ ଆସୁଥିଲେ। ରବୀନ୍ଦ୍ର ଜୈନ ପିଲାବେଳୁ ଥିଲେ ଜଣେ ସଙ୍ଗୀତ କମ୍ପୋଜର। ଗୀତ ଶିଖିବା ସହିତ ସେ ବଙ୍ଗଳା ଗୀତ ସବୁ କମ୍ପୋଜ କରୁଥିଲେ। ସେ ଯେଉଁ ବଙ୍ଗଳା ଗୀତ ସବୁର ସ୍ୱର କରୁଥିଲେ ସେସବୁକୁ ଅଭ୍ୟାସ କରି ଗାଉଥିଲେ ହେମଲତା। ହେମଲତାଙ୍କୁ ସେତେବେଳେ ୧୨ବର୍ଷ ବୟସ। ରବୀନ୍ଦ୍ର ଜୈନଙ୍କ ସ୍ୱରରେ ଫୋକ୍ ସଙ୍ଗୀତର ମିଶ୍ରଣ ରହୁଥିଲା। ସେହିହେତୁ ପିଲାବେଳୁ ରବୀନ୍ଦ୍ର ଜୈନଙ୍କ ଗୀତ ସବୁକୁ ଅଭ୍ୟାସ କରିଥିବାରୁ ହେମ୍‌ଲତାଙ୍କ କଣ୍ଠରେ ଫୋକ୍ ମ୍ୟୁଜିକ୍‌ର ଯେଉଁ ଲାଳିତ୍ୟ ତାହା ଦାନା ବାନ୍ଧି ଯାଇଥିଲା ; ଯାହା ଭବିଷ୍ୟତରେ ତାଙ୍କ ପାଇଁ କାମରେ ଲାଗିଲା।

**ବମ୍ବେରେ ଷ୍ଟ୍ରଗଲ୍ :** ସଙ୍ଗୀତରେ କ୍ୟାରିଅର କରିବାକୁ ବମ୍ବେ ଆସିବା ପରେ ସେ ପ୍ରଥମେ ଓସ୍ତାଦ ରଇସ୍ ଖାନ୍‌ଙ୍କ ନିକଟରୁ ଗଜଲ୍‌ରେ ତାଲିମ୍ ନେଲେ। ସଙ୍ଗୀତ ନିର୍ଦ୍ଦେଶକ ନୌସାଦ ଅଲୀ ହେମଲତାଙ୍କ କଣ୍ଠସ୍ୱର ଶୁଣି ଖୁବ୍ ଖୁସି ହୋଇଥିଲେ ଏବଂ କଣ୍ଠସ୍ୱର ପରିପକ୍ୱ ହେବା ପର୍ଯ୍ୟନ୍ତ ସେ ଧୈର୍ଯ୍ୟର ସହିତ ଅପେକ୍ଷା କରିବାକୁ ତାଙ୍କୁ ପରାମର୍ଶ ଦେଇଥିଲେ। ଏଥିସହିତ ସେ ହେମଲତାଙ୍କୁ ଏକ ପାଞ୍ଚବର୍ଷିଆ ଚୁକ୍ତି କରାଇଥିଲେ। ଚୁକ୍ତି ଅନୁଯାୟୀ ହେମଲତା ତାଙ୍କଠୁ ପ୍ଲେବ୍ୟାକ୍ ସିଙ୍ଗିଂର ତାଲିମ ନେବେ। ଆଉ ସେ ତାଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରମୋଟ୍ କରିବେ। ସେତେବେଳେ ବମ୍ବେ ଫିଲ୍ମ ଇଣ୍ଡଷ୍ଟ୍ରିରେ ନୌସାଦ ଅଲ୍ଲୀଙ୍କ ଦ୍ୱାରା ପ୍ରମୋଟ୍ ହେବା କିଛି କମ୍ ବଡ଼କଥା ନ ଥିଲା। କାରଣ ସବୁ ବଡ଼ବଡ଼ ସଙ୍ଗୀତ ନିର୍ଦ୍ଦେଶକମାନେ ନୌସାଦ ଅଲ୍ଲୀଙ୍କ ଦ୍ୱାରା ତାଲିମ୍ ପ୍ରାପ୍ତ କଣ୍ଠଶିଳ୍ପୀମାନଙ୍କୁ ହିଁ ଅଗ୍ରାଧିକାର ଭିତ୍ତିରେ ଗୀତ ଗାଇବାକୁ ନେଉଥିଲେ। ନୌସାଦ ଅଲ୍ଲୀଙ୍କ ଦ୍ୱାରା ପ୍ରମୋଟ୍ କରାଯିବା ପରେ ସଙ୍ଗୀତ ନିର୍ଦ୍ଦେଶିକା ଉଷା ଖାନ୍ନାଙ୍କ ନଜର ତାଙ୍କ ଉପରେ ପଡ଼ିଥିଲା। ଆଉ ସେ ଉଷା ଖାନ୍ନାଙ୍କ ସଙ୍ଗୀତ ନିର୍ଦ୍ଦେଶିତ 'ରୂପ ରୁପେୟା' ଫିଲ୍ମ ପାଇଁ କଣ୍ଠଦାନ କରିଥିଲେ।




**ରବୀନ୍ଦ୍ର ଜୈନ :** ସତୁରି ଦଶକର ପ୍ରଥମ ଭାଗରେ ରବୀନ୍ଦ୍ର ଜୈନ ବମ୍ବେରେ ନିଜର ଭାଗ୍ୟ ପରୀକ୍ଷା କରିବା ପାଇଁ ଆସିଲେ। ଆଗରୁ ହେମଲତା ରବୀନ୍ଦ୍ର ଜୈନଙ୍କ ଶତାଧିକ ଗୀତ ରେକର୍ଡ଼ କରି ସାରିଥିଲେ। ତେଣୁ ରବିନ୍ଦ୍ର ଜୈନ ବମ୍ବେ ଆସିବା ପରେ ହେମଲତା ହିଁ ତାଙ୍କ ପାଇଁ ପାଲଟିଗଲେ ଏକ ଆସେଟ୍। ପ୍ରାଥମିକ ପର୍ଯ୍ୟାୟରେ ରବୀନ୍ଦ୍ରଙ୍କୁ ଯେଉଁ ସ୍ୱଳ୍ପ ବଜେଟ୍‌ର ଫିଲ୍ମ ମିଳୁଥିଲା ସେଥିରେ ସେ ହେମଲତାଙ୍କୁ ଗାୟିକା ଭାବରେ ନେଉଥିଲେ। ସେସବୁ ମଧ୍ୟରେ ଥିଲା କାଞ୍ଚ ଔର ହୀରା, ରାଖି ଔର ହିଙ୍ଗାରି, ଗୀତ୍ ଗାତା ଚଲ, ସଲାଖେଁ ଏବଂ ତପସ୍ୟା ଆଦି ଫିଲ୍ମ। ତେବେ ଏସବୁ ଫିଲ୍ମ ହେମଲତାଙ୍କ ପାଇଁ ସେତେ ବେଶି ମାଇଲେଜ୍ ଆଣିପାରି ନ ଥିଲା। ୧୯୭୧ରେ ରବୀନ୍ଦ୍ରଙ୍କ ହାତକୁ ଆସିଲା ଏକ ଫିଲ୍ମ 'ଫକିରା'। ଏହି ଫିଲ୍ମରେ ଗୋଟିଏ ଗୀତ ପଡ଼ିଥିଲା ହେମଲତାଙ୍କ ଭାଗରେ। ତାହା ଥିଲା 'ସୁନ୍ କେ ତେରି ପୁକାର'। ଗୀତଟି ଜବରଦସ୍ତ ହିଟ୍ ହୋଇଥିଲା। ଆଉ ଉଭୟ ରବୀନ୍ଦ୍ର ଜୈନ ଏବଂ ହେମ୍‌ଲତାଙ୍କ ଫିଲ୍ମ କ୍ୟାରିୟରକୁ ଏକ ଦିଗ ମିଳି ଯାଇଥିଲା।









# କୃତଘ୍ନ

ଇଂ. ସନ୍ନ୍ୟାସୀ ପଣ୍ଡା

ରିଂ....ରିଂ....ରିଂ

– ହ୍ୟାଲୋ, କିଏ କହୁଥିଲେ ?

– ପାତ୍ର ବାବୁ ଭଲ ଅଛନ୍ତି ତ ? ମୁଁ ହରିବାବୁ କହୁଥିଲି। ମୋ ଝିଅର ଟ୍ରାନ୍ସଫର କଥା କ'ଣ ହେଲା ? ଏ ବୁଢ଼ାର ଗୁହାରୀ ଟିକେ ଶୁଣ...

– ହଁ....ହଁ ଏଇ ଥରକ କରିଦେବି। ରହୁଛି ନମସ୍କାର।

ହରିବାବୁ ଆଉ କ'ଣ କହିବା ପାଇଁ ଚାହୁଁଥିଲେ, କିନ୍ତୁ ସେପଟୁ କଲଟିକୁ ହଠାତ୍ କାଟି ଦିଆଗଲା।

ଏଥରକ ମିଶାଇ ମୋଟ୍ ସାତ ଥର ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ବଡବାବୁ ଥିବା ପାତ୍ର ବାବୁଙ୍କୁ ନିଜ ଦୁଃଖ ଜଣାଇ ସାରିଲେଣି ହରିବାବୁ। ପ୍ରତିଥର 'ହଁ କରିବି' ବୋଲି କହି ବଡ ବାବୁ ଫୋନ୍ କାଟି ଦେଉଛନ୍ତି। ହରିବାବୁଙ୍କ ଗୋଟିଏ ଝିଅ ଶିକ୍ଷୟିତ୍ରୀ। ମାଲକାନାଗିରିରେ ଚାକିରୀ। ଆଜକୁ ୧୦ ବର୍ଷ ହୋଇଗଲାଣି। ତାକୁ ଟିକେ ନିଜ ଜିଲ୍ଲାକୁ ଫେରାଇ ଆଣିବା ପାଇଁ ହରିବାବୁଙ୍କ କାକୁତି ମିନତି। ବଡ ବାବୁଙ୍କ ଛଡ଼ା ଜିଲ୍ଲା ଶିକ୍ଷାଧିକାରୀ (ଡି.ଇ.ଓ)ଙ୍କ ପାଖେ ମଧ ମିନତୀ କରିଛନ୍ତି ହରିବାବୁ। ନିଜେ ପଇସା ନନେଇ ଯିଏ ବଡ ବାବୁଙ୍କ ମାଧମରେ ଚାନ୍ଦା, ଲାଂଚ ସଂଗ୍ରହ କରୁଛନ୍ତି, ସିଏ କ'ଣ ବଡବାବୁଙ୍କ ବିନା ପରାମର୍ଶରେ କିଛି କରିବେ ? ତେଣୁ ହରିବାବୁଙ୍କ ଗୁହାରୀ ନିଷ୍ଫଳ।

ଅନେକ ସମୟରେ ଗାଲରେ ହାତଦେଇ ଭାବନ୍ତି ହରିବାବୁ। ଏକଦା ସେ ବି ଦିନେ ସେଇ କାର୍ଯ୍ୟାଳୟରେ ବଡବାବୁ ଥିଲେ। ଚାକିରୀ ଜୀବନ କାଳରେ ସେ କାହାଠୁ ପାହୁଲାଟିଏ ବି ନେଇ ନାହାନ୍ତି। ଅନେକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଟ୍ରାନ୍ସଫର୍ମର ଠୁ ଆରମ୍ଭ କରି ପେନ୍‌ସନ ପେପର ବା ଆକାଉଂଟ କାମରେ ବହୁ ସାହାଯ୍ୟ କରିଛନ୍ତି ସେ। କେହି କିଛି ଖୁସିରେ ଯାଚିଲେ ହସି ହସି ମନା କରିଦିଅନ୍ତି। ଫଳ ସ୍ୱରୂପ ଚାକିରୀ ଶେଷ ପର୍ଯ୍ୟନ୍ତ ବି ସେ ସାଇକେଲ ଚଢୁଥିଲେ। ସବୁ କାମରେ ଦକ୍ଷ ଥିବାରୁ ଉପରିସ୍ଥ ଅଧିକାରୀଙ୍କ ଅନୁରୋଧକୁ ଏଡାଇ ନପାରି ଅବସର ପରେ ବି ପ୍ରାୟ ୧୨ ବର୍ଷ କାଳ ସେଇ ସାଇକେଲରେ ହିଁ କାର୍ଯ୍ୟାଳୟକୁ ଯାଉଥିଲେ ତାହା ପୁଣି ବିନା ପାରିଶ୍ରମିକରେ। ଦେହ ଦୁର୍ବଳ ହୋଇଯିବାରୁ ଏଇ ଦଶ ବର୍ଷ ହେଲା ଘରେ ରହୁଛନ୍ତି। ହେଲେ ଗୋଟିଏ ଚିନ୍ତା ନିଜ ଝିଅ କେମିତି ଟ୍ରାନ୍ସଫର ହୋଇ ନିଜ ମାଟିକୁ ଟିକେ ଫେରି ଆସନ୍ତା।

ଆଜି ଯିଏ ବଡ ବାବୁ ଅଛି, ପାତ୍ର ବାବୁ, ଏକଦା ସେ ହରିବାବୁଙ୍କର ଆସିଷ୍ଟାଂଟ ଥିଲା। ଅଫିସର ସବୁ କାମ, କେବଳ ଗୋଟିଏକୁ ଛାଡି ହରିବାବୁ ତାଙ୍କୁ ପାଖରେ ବସାଇ ଶିଖାଇଥିଲେ। ଜଣେ ସତ୍ୟନିଷ୍ଠ ଓ ସଚ୍ଚୋଟ ବ୍ୟକ୍ତି ହିସାବରେ ହରିବାବୁ ଯେଉଁ କଥାଟି ଶିଖାଇ ନଥିଲେ, ପାତ୍ର ବାବୁ କିନ୍ତୁ ସେଇ କାର୍ଯ୍ୟରେ ବେଶ୍ ଧୂରନ୍ଧର ହୋଇ ଉଠିଲେ। ଚାକିରୀର ଅଳ୍ପ ଦିନରେ ଗାଡି, ଘୋଡା, ପ୍ଲଟ, ଜମି, ସୁନା, ବ୍ୟାଙ୍କ ବାଲାନ୍ସ ନହେଲେ ଏତେ ଆସିଲା କେଉଁଠୁ ? ଆଉ ସେଥିରେ ଯଦି ଉପରିସ୍ଥ ଅଧିକାରୀଙ୍କ ପ୍ରଚ୍ଛନ୍ନ ଆଶୀର୍ବାଦ ରହିଲା, ତେବେ ଅଫିସରେ ସେ ନିଜେ ଡି.ଇ.ଓ ବୋଲି ଜାଣ।

ବାରଣ୍ଡାରେ ଦିନେ ବସିଥିବାବେଳେ ଗାଁର ଜଣେ ବୁଢ଼ା ସାଙ୍ଗ ପଚାରିଦେଲେ, ଆରେ ହରି, ତୋ ପାଖରେ କାମ କରୁଥିବା ସେ ହୃଦୟହୀନ ଲୋକଟା ଏତେ କୃତଘ୍ନ ଆଉ ଅବିବେକୀ କେମିତି ହୋଇଗଲା କିରେ ? ତୋ ଝିଅର ଟ୍ରାନ୍ସଫର ଟା ବାମ ହାତର ଖେଳ !

ଏତିକିରେ ହରିବାବୁଙ୍କର ଅତୀତର ସେ ପୁରୁଣା ସ୍ମୃତିଟା ହଠାତ୍ ସତେଜ ହୋଇ ଉଠିଲା।

ମଧ୍ୟାହ୍ନ ସମୟ। ହରିବାବୁ କାର୍ଯ୍ୟରେ ବ୍ୟସ୍ତ ଥା'ନ୍ତି। ସେଦିନ ଅଫିସ ଟିକିଏ ଫାଙ୍କା ଥାଏ। ଏହି ସମୟରେ ପାତ୍ର ହଠାତ୍ ରୁମ୍ ଭିତରକୁ ଦୌଡି ଆସି ହରିବାବୁ ବସିଥିବା ଟେବୁଲର ଡ୍ରୟର ଖୋଲି ଗୋଟିଏ ବଣ୍ଡଲ ନୋଟ୍ ପୁରାଇ ଦେଲା। ହରିବାବୁ ସେମିତି ତଳକୁ ମୁହଁ ପୋତି ଲେଖା ଲେଖିରେ ବସିଥାନ୍ତି। ପାତ୍ରର ସର୍ବାଙ୍ଗରେ ଅଜଣା ଆତଙ୍କର ଚିହ୍ନ। ଖନି ମାରି ଯାଉଥିବା ପାଟିରେ ହରିବାବୁଙ୍କ ହାତକୁ ଧରି କହିଲା–ସାର୍ ଯିଏ ପଚାରିବେ, କହିବେ ଏ ଟଙ୍କାଟା ଆପଣଙ୍କର। ପ୍ଲିଜ୍ ସାର୍।

ହରିବାବୁ କିଛି ବୁଝିବା ପୂର୍ବରୁ ଭିଜିଲାନ୍ସ କର୍ମଚାରୀମାନେ ପାତ୍ରକୁ ଗବ୍‌ଗାବ୍ କରି ମାଡି ବସିଲେ।

୭ ମାସ ଜେଲରେ ରହି ଘଣା ପେଲିଲା ପାତ୍ର। ସସ୍‌ପେଣ୍ଡ ବି ହେଲା। ପୁଣି ଆସି ଜଏନ୍ କଲା। ତଥାପି ସେ ସୁଧୁରିନି। ସେଦିନ ଠୁଁ ହରିବାବୁଙ୍କ ଉପରେ ତା'ର ଭାରି ରାଗ– ସେ ଚାହିଁଥିଲେ ତାକୁ କୁଆଡେ ବଂଚାଇ ଦେଇପାରିଥାନ୍ତେ ସେଦିନ। ହେଲେ କେମିକାଲ ମିଶା ପାଣିର ପ୍ରମାଣଟା କୁଆଡେ ଯାଇଥା'ନ୍ତା ?

– ଏକଥା ହରିବାବୁ ତାଙ୍କ ବନ୍ଧୁଙ୍କୁ କହିଲେ।

ଆଜି ହରିବାବୁଙ୍କ ଏକାଦଶାହ। ସ୍ମୃତିଚାରଣ ସଭାରେ ଯୋଗଦାନ କରିବାକୁ ପଡିବ।

ସମସାମୟିକ ବହୁ ଶିକ୍ଷକ, ସମାଜସେବୀ ସେଦିନ ଯୋଗଦେଇ ହରିବାବୁଙ୍କ ବିଷୟରେ ଅନେକ କଥା କହିଲେ। କେହି କେହି କାନ୍ଦି ମଧ ପକାଇଥିଲେ। ଜଣେ ବକ୍ତା କହିଲେ ବଡବାବୁଙ୍କ ଚଉକିରେ ବସି ହରିବାବୁ ଧନ୍ୟ ହୋଇ ନଥିଲେ ବରଂ ହରିବାବୁଙ୍କ ଭଳିଆ ମଣିଷଟେ ପାଇ ସେ ଚୌକିଟା ଧନ୍ୟ ହୋଇଯାଇଥିଲା।

ସଭାରେ ତାଙ୍କ ଝିଅ ସହ ଦେଖାହେଲା। ବାପାଙ୍କ କାମ ସରିଲେ ଅପୁରିଦିନ ମାଲକାନାଗିରି ଫେରିଯିବ ବୋଲି କଥା ପ୍ରସଙ୍ଗରେ କହିଲା।

*–ଆପେକ୍ସ*
*ଆଇ.ଟି.ଆଇ*
*ପତ୍ରକଣା, କସର୍ଦା,*
*କଟକ*

# ପ୍ରିୟା

**–ଭରତ ଚନ୍ଦ୍ର ଦାଶ**

ତୁମ ନାମେ ପ୍ରିୟା ସମର୍ପିଛି ହିୟା
ବୁଝୁନ କେମିତି କୁହ
ପ୍ରୀତିଲଗ୍ନା ଆଗୋ ଅପ୍ରୀତିରେ ତୁମେ
କେମିତି ଧରିଛ ଦେହ।


*–ମାର୍କୋଣା, ବାଲେଶ୍ୱର*

# ଅଭିମାନୀ ବନ୍ଧୁ


**–ବିଜୟିନୀ ଦାଶ**

ମୁଁ କ୍ଷଣେ କ୍ଷଣେ
ଅନୁଭବ କରେ ଏଠି
ତୁମ ଦରଦୀ ମନ, ହୃଦୟ ଓ ଆତ୍ମାକୁ।।
ହଁ! ତଥାପି ; ତୁମ ଉପରେ
ଅଭିମାନ କରେ, ରାଗେ ଆଉ କାନ୍ଦେ
ବୁକୁତଳେ ଚାପି
ମେଞ୍ଚା ମେଞ୍ଚା କୋହକୁ।।
କୋହର କାନ୍ଥତଳେ
ପଲକରେ ଅଶ୍ରୁର ବାଦଲ ଭିତରେ
ଦେଖାଯାଏ ତୁମ ହସ ହସ ମୁହଁ
ହଜାଏ ନିଜକୁ,
ଖୋଜେ ମୁଁ ତୁମକୁ–କେବଳ ତୁମକୁ।।

–ଭୁବନେଶ୍ୱର







# କରୀନା ହିଁ ଫିଟ୍

ଅକ୍ଷୟ କୁମାର ଏବଂ କରୀନାଙ୍କୁ ନେଇ ନିର୍ମିତ ହେଉଛି 'ଗୁଡ୍ ନ୍ୟୁଜ୍'। ଏହାର ଏକ ଗୀତ 'ମାନା ଦିଲ୍' ଏବେ ଭାଇରାଲ ହୋଇଛି। ଏହି ଗୀତ ସମ୍ପର୍କରେ ସୂଚନା ଦେବା ଅବସରରେ ଅକ୍ଷୟ କହିଥିଲେ, 'ଗୁଡ୍ ନ୍ୟୁଜ୍'ରେ ମୋ ଅପୋଜିଟ୍‌ରେ ଅଛନ୍ତି କରୀନା। ଯେତେବେଳେ ମୁଁ ଏହି ଫିଲ୍ମର କାହାଣୀ ଶୁଣିଲି ସେତେବେଳେ ମୁଁ ଭାବିଥିଲି ଯେ, ଏହାର ନାୟିକା ଭୂମିକାରେ ଯଦି କରୀନାଙ୍କୁ ସାଇନ୍ କରାଯିବ ତେବେ ଠିକ୍ ହେବ। ମୋ ଭାବନାର ଅନ୍ତ ନ ହେଉଣୁ ପ୍ରଯୋଜକ କହିଥିଲେ ଯେ, ଏଥିରେ ଆପଣଙ୍କ ଅପୋଜିଟ୍‌ରେ କରୀନା ଅଭିନୟ କରିବେ। ଏବେ ଏହି ଫିଲ୍ମର 'ମାନା ଦିଲ୍' ଗୀତଟି ଭାଇରାଲ ହୋଇଛି। ସେଥିପାଇଁ ଶ୍ରୋତାଙ୍କ ନିକଟରେ ମୁଁ ଋଣୀ।' 'ମାନା ଦିଲ୍' ଗୀତଟିକୁ କମ୍ପୋଜ କରିଛନ୍ତି ତନିଷ୍କ ବାଗ୍‌ଚି ଏବଂ କଣ୍ଠଦାନ କରିଛନ୍ତି ବି. ପ୍ରାକ୍। ଫିଲ୍ମଟି ଡିସେମ୍ବର ୨୭ରେ ପରଦା ଉପରକୁ ଆସିବ।


ଅକ୍ଷୟ-କରୀନା

# ମନେ ମନେ ମନ ଖୋଜୁଥିଲା

'ମନେ ମନେ ମନ ଖୋଜୁଥିଲା'-ଏପରି ଶୀର୍ଷକରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି ଯେ ଏହାର କାହାଣୀ ପ୍ରେମ ଉପରେ ପର୍ଯ୍ୟବସିତ। ହଁ,ଏକ ଭିନ୍ନ ଧରଣର ଟିନ୍-ଏଜ୍ ପ୍ରେମ କାହାଣୀକୁ ନେଇ ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ମନେ ମନେ ମନ ଖୋଜୁଥିଲା'। ଦୁଇଟି ପରିବାର ଭିତରେ ଅହି-ନକୁଳ ସମ୍ପର୍କ। ହେଲେ ପ୍ରେମ ଏପରି ଏକ ଜିନିଷ ଯାହା କିଛି ଖାତିର କରେନା। ଅଭିମନ୍ୟୁଙ୍କ ପୁଅ ଓମ୍ ଏବଂ ଦୁର୍ଯ୍ୟୋଧନଙ୍କ ଝିଅ ଗୌରୀ ପ୍ରେମରେ ପଡିଯାଇଛନ୍ତି। ଦୁଇ ପରିବାର ଭିତରେ ଥିବା ଶତ୍ରୁତାକୁ ସେମାନେ ଜାଣିଥିଲେ ମଧ୍ୟ ନିଜ ଲକ୍ଷ୍ୟ ପଥରେ ଅଗ୍ରସର ହୋଇଛନ୍ତି। ହେଲେ ଏପରି ପ୍ରେମର ଶେଷ ପରିଣତି କ'ଣ ହେଉଛି ତାହା ସିନେମାରେ ଦେଖିବାକୁ ପାଇବେ। ଅନନ୍ୟା ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରୁଛନ୍ତି ନବାଗତା ପ୍ରଯୋଜିକା ପ୍ରଭାତୀ ଆଚାର୍ଯ୍ୟ। ବେଶ୍ କିଛି ବର୍ଷର ଗ୍ୟାପ୍ ପରେ ନିର୍ଦ୍ଦେଶକ ଏନ. ପାଢ଼ୀ ଉକ୍ତ ଫିଲ୍ମ ମାଧ୍ୟମରେ ପୁଣି ଥରେ ନିର୍ଦ୍ଦେଶନା ମଇଦାନକୁ ଓହ୍ଲାଉଛନ୍ତି। ଦୁର୍ଗା ଆଚାର୍ଯ୍ୟଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଦୀପକ ଜେନା। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ନବାଗତ ଏ. ଅଶୋକ କୁମାର। ଖାସ୍ କଥା ହେଲା ନବାଗତ ଓମ୍‌କାର ଏହି ଫିଲ୍ମରୁ ନିଜର ଓଲିଉଡ୍ କ୍ୟାରିୟର ଆରମ୍ଭ କରୁଛନ୍ତି। ତାଙ୍କ ସହ ସ୍କ୍ରିନ୍ ସେୟାର କରିଛନ୍ତି ଚୁଲବୁଲି ନମ୍ରତା ସିଂଦେଓ। ଏମାନଙ୍କ ବ୍ୟତୀତ ମିହିର ଦାସ, ଅଶ୍ରୁମୋଚନ ମହାନ୍ତି, ପ୍ରତିଭା ପଣ୍ଡା, ଅଞ୍ଜନା ଦାସ, ବିଜୟ ବଳ, ରାଜ୍ ସୁରଜ ପୁରୋହିତ ଏବଂ ଆଲୋକ ସାମନ୍ତଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ।


ଓମ୍‌କାର-ନମ୍ରତା

# ଗୁରୁ ଖୋଜୁଛନ୍ତି କାର୍ତ୍ତିକ-ଆୟୁଷ୍ମାନ

କାର୍ତ୍ତିକ ଆର୍ଯ୍ୟନ ଏବଂ ଆୟୁଷ୍ମାନ ଖୁରାନା ଏବେ ଖୁସିରେ ଉଚ୍ଛୁଳୁଛନ୍ତି। କାରଣ ନିର୍ଦ୍ଦେଶକ ଇମ୍‌ତିୟାଜ ଅଲ୍ଲୀ ତାଙ୍କର ଆଗାମୀ ଫିଲ୍ମରେ ଏହି ଦୁଇ ଅଭିନେତାଙ୍କୁ ସାଇନ୍ କରିଛନ୍ତି। ଖାସ୍ କଥା ହେଲା ପଞ୍ଜାବର ଲୋକଗୀତ ଉପରେ ଏହାର କାହାଣୀ ରଚନା କରାଯାଉଛି। ତେଣୁ ଏ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ଉଭୟ କାର୍ତ୍ତିକ ଏବଂ ଆୟୁଷ୍ମାନ ଗୁରୁ ଖୋଜିବାରେ ବ୍ୟସ୍ତ ଅଛନ୍ତି। ଏ ସମ୍ପର୍କରେ କାର୍ତ୍ତିକ କହନ୍ତି, 'ଯେତେବେଳେ ନିର୍ଦ୍ଦେଶକ ମୋତେ କାହାଣୀ ଶୁଣାଇଲେ ସେତେବେଳେ ମୁଁ ଖୁସିରେ ଉଚ୍ଛୁଳି ଉଠିଥିଲି। ଯେତେବେଳେ ଜାଣିଲି ଯେ ମୋ ସହ ଆୟୁଷ୍ମାନ ଅଭିନୟ କରିବେ ମୋର ଏହି ଖୁସି ଦ୍ୱିଗୁଣିତ ହୋଇଯାଇଥିଲା। ଏହି ଫିଲ୍ମରେ ପଞ୍ଜାବର ପ୍ରଖ୍ୟାତ ଲୋକଗୀତ ଗାୟକ ଅମର ସିଂ ଚମକିଲାଙ୍କ ଜୀବନୀ ମଧ୍ୟ ସ୍ଥାନିତ ହେବ। ତେବେ ପଞ୍ଜାବୀ ଲୋକଗୀତ ବିଷୟରେ ଅଧିକ ତଥ୍ୟ ଜାଣିବାକୁ ଆମେ ଜଣେ ଗୁରୁ ସନ୍ଧାନରେ ରହିଛୁ।'



# ଗୋଟିଏ ବର୍ଷରେ ୯୨

ବେଳେବେଳେ ଯାହା ଆଶା କରାଯାଇ ନ ଥାଏ ତାହା ଘଟିଥାଏ। ଏକ ଭିନ୍ନ ଧରଣର ପ୍ରେମ କାହାଣୀ ସହ ପୁନଃଜନ୍ମକୁ ପଞ୍ଚ୍ କରି ବଲିଉଡ୍‌ର ନାମୀ ନିର୍ଦ୍ଦେଶକ ରାକେଶ ରୋଶନ ନିର୍ମାଣ କରିଥିଲେ 'କହୋନା ପ୍ୟାର୍ ହୈ'। ଏଥିରେ ତାଙ୍କର ପୁଅ ହ୍ରିତିକ ରୋଶନଙ୍କୁ ବ୍ରେକ୍ ମିଳିଥିଲା। ତା'ସହ ଏହି ନବାଗତଙ୍କ ନାୟିକା ସାଜିଥିଲେ ନବାଗତା ଅମୀଷା ପଟେଲ। ଫିଲ୍ମର କାହାଣୀ, ଉପସ୍ଥାପନା, ଗୀତ ଏବଂ କଳାକାରଙ୍କ ନିଖୁଣ ଅଭିନୟ ଏହାକୁ ସୁପର ଡୁପର ହିଟ୍ ହେବାରେ ସାହାଯ୍ୟ କରିଥିଲା। ସେହି ବର୍ଷ 'କହୋନା ପ୍ୟାର୍ ହୈ' ବିଭିନ୍ନ କ୍ୟାଟେଗୋରୀରେ ମୋଟ ୯୨ଟି ପୁରସ୍କାର ହାସଲ କରିଥିଲା। ହିନ୍ଦୀ ସିନେମାରେ ଏ ପର୍ଯ୍ୟନ୍ତ କୌଣସି ସିନେମା ଏତେ ସଂଖ୍ୟକ ପୁରସ୍କାର ହାସଲ କରିନାହିଁ। ସେଥିପାଇଁ 'କହୋନା ପ୍ୟାର୍ ହୈ'କୁ ଗିନିଜ୍ ବୁକ୍ ଅଫ ୱାର୍ଲ୍ଡ ରେକର୍ଡସ ଅନ୍ତର୍ଭୁକ୍ତ କରାଯାଇଛି।


ଅମିଷା-ହ୍ରିତିକ୍

# ସୋନାକ୍ଷୀଙ୍କ ବଦାନ୍ୟତା

କେବଳ ଅଭିନୟ ଯୋଗୁଁ ନୁହେଁ, ବ୍ୟକ୍ତିଗତ ଜୀବନରେ ଅନେକ ଥର ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ସାଜିଛନ୍ତି ଦବଙ୍ଗ ଗର୍ଲ ସୋନାକ୍ଷୀ। ଆକ୍ଟିଂ କରିବା ପୂର୍ବରୁ ସେ ମଡେଲିଂ ସହ ଜଡିତ ଥିଲେ। ଏପରି କି କେତୋଟି ର୍‌ୟାମ୍ପ ଶୋ'ରେ ଅଂଶଗ୍ରହଣ କରି ପ୍ରଶଂସିତ ହୋଇଥିଲେ। ବଲିଉଡ୍‌ରେ ତାଙ୍କର ଏଣ୍ଟ୍ରି ହୋଇଥିଲା ଜଣେ କଷ୍ଟ୍ୟୁମ ଡିଜାଇନର ଭାବରେ। ୨୦୦୫ରେ ନିର୍ମିତ 'ମେରେ ଦିଲ୍ ଲେକେ ଦେଖୋ'ର କଷ୍ଟ୍ୟୁମ ଡିଜାଇନିଂ କରିଥିଲେ ସେ। ତାଙ୍କୁ ନାୟିକା ଭାବରେ ପ୍ରଥମେ ବ୍ରେକ୍ ମିଳିଥିଲା 'ଦବଙ୍ଗ'ରେ। ସଲମାନଙ୍କ ଅପୋଜିଟ୍‌ରେ ନାୟିକା ସାଜିଥିଲେ ସେ। ଫିଲ୍ମଟି ହିଟ୍ ହେବା ପରେ ସେ ଏଥିରୁ ଯେଉଁ ପାରିଶ୍ରମିକ ପାଇଥିଲେ ତାକୁ ସେ ସଲମାନଙ୍କ ସ୍ୱେଚ୍ଛାସେବୀ ସଂସ୍ଥା 'ବିଇଂ ହ୍ୟୁମାନ'କୁ ଦାନ କରିଥିଲେ। ନିକଟରେ ନିଜର ଆଉ ଏକ ଇଚ୍ଛା ପ୍ରକଟ କରିଛନ୍ତି। 'ଦବଙ୍ଗ-୩' ରିଲିଜ ହେଲା ପରେ ସେ ନିଜର ପାରିଶ୍ରମିକକୁ କେତେକ ଭିନ୍ନକ୍ଷମଙ୍କ ପାଇଁ ଖର୍ଚ୍ଚ କରିବେ। ବର୍ତ୍ତମାନ ସେ ନିର୍ମାଣାଧୀନ 'ଭୂଜ-ଦ ପ୍ରାଇଡ୍ ଅଫ ଇଣ୍ଡିଆ'ରେ ଅଭିନୟ କରୁଛନ୍ତି। ସୋନାକ୍ଷୀଙ୍କ ବ୍ୟତୀତ ଅଜୟ ଦେବଗନ୍, ପରିଣିତି ଚୋପ୍ରା, ସଞ୍ଜୟ ଦତ୍ତଙ୍କୁ ଏଥିରେ ଦେଖିବାକୁ ମିଳିବ। ଫିଲ୍ମଟି ଆସନ୍ତାବର୍ଷ ଅଗଷ୍ଟ ୧୪ରେ ପରଦା ଉପରକୁ ଆସିବ।



# ଅଲଣା ପ୍ରେମକୁ ଅଥୟ ମନ, ଭାବନାରେ ବିତି ଯାଉଛି ଦିନ

**ପ୍ରଶ୍ନ**–ପ୍ରେମର ନିଶା ମୋ ମନକୁ ଏମିତି ଘାଇଲା କରିଛି ଯେ, ପ୍ରେମ ନିବେଦନ କରି କରି ଥକି ଗଲିଣି, ହେଲେ ମନଲାଖି ପ୍ରେମିକାଟିଏ ପାଇଲି ନାହିଁ। କ'ଣ କରିବି ? *–ସୁଜିତ ସାହୁ, ଖୋର୍ଦ୍ଧା*

**ଉତ୍ତର:** 'ଅଲଣା ପ୍ରେମକୁ ଅଥୟ ମନ, ଭାବନାରେ ବିତି ଯାଉଛି ଦିନ।' ଏମିତି ଅଲଣା ପ୍ରେମର ମୂଲ୍ୟ କିଛି ନ ଥାଏ। ହୁଏତ ତାହା ମନକୁ ସାମୟିକ ଆନନ୍ଦ ଦେଇପାରେ, ହେଲେ ଏପରି ପ୍ରେମରେ ଆଦୌ ଦମ୍ ନ ଥାଏ। ଯେତେବେଳେ ପ୍ରେମର ନିଶା ଖସିପଡ଼େ ସେତେବେଳେ ଭୁଲ-ଠିକ୍ ଜଣାପଡ଼ିଥାଏ। ତାକୁ ଖାତିର ନ କରି ଅନେକେ ପୁଣି ସେହି ପ୍ରେମରେ ବୁଡ଼ି ରହନ୍ତି। ତେଣୁ ପ୍ରଥମେ ନିଜ ମନକୁ ଏଭଳି ମାନସିକତାରୁ ମୁକ୍ତ କରାନ୍ତୁ। ଫର୍ମୁଲା ଆପ୍ଲାଏ କରି ପ୍ରେମ କରନ୍ତୁ, ଦେଖିବେ ମନଲାଖି ପ୍ରେମିକାଟିଏ ଆପଣଙ୍କୁ ମିଳିଯିବେ।

**ପ୍ରଶ୍ନ**–ପ୍ରେମର ନିଶା କେତେବେଳେ ଖସିପଡ଼େ କହିବେ କି ସାଥୀ ? *–ତନ୍ମୟ ଦାସ, ରାଉରକେଲା*

**ଉତ୍ତର:** ପ୍ରେମର ନିଶା ଯଦି ହଠାତ୍ ଚଢ଼ିଗଲା, ଆଉ ସେଥିରେ ମଦୁଆଲା ହୋଇ ପାଦ ଏଣେ ତେଣେ ପଡ଼ିଲା ତେବେ ସେପରି ପ୍ରେମର ନିଶା ଯେକୌଣସି ମୁହୂର୍ତ୍ତରେ ଖସି ପଡ଼ିପାରେ। ତେଣୁ ପ୍ରେମ କରିବା ପୂର୍ବରୁ ପ୍ରେମ ମାୟାରେ ବାୟା ହୁଅନ୍ତୁ ନାହିଁ। ଯଦି ବାୟା ହୋଇ ନିଜର ବୁଦ୍ଧି ନ ଖଟାଇ ଦୌଡ଼ନ୍ତି ତେବେ ଭାବିନିଅନ୍ତୁ ଯେ, ଆପଣ ଏକ ମରୀଚିକା ପଛରେ ଧାଉଁଛନ୍ତି। ସବୁବେଳେ ନିର୍ମଳ ମନରେ ପ୍ରେମ କରନ୍ତୁ। ପ୍ରେମରେ ସବୁବେଳେ ହାତେ ମାପି ଚାଖଣ୍ଡେ ଚାଲିବା ଭଲ।

**ପ୍ରଶ୍ନ**–ଗୋଲାପ ଫୁଲ ନ ଦେଇ କ'ଣ ଜଣେ ଝିଅକୁ ପ୍ରେମ ନିବେଦନ କରିହେବନି ? *–ଅସୀତ ପ୍ରଧାନ, ବ୍ରହ୍ମପୁର*

**ଉତ୍ତର:** ଗୋଲପ ଫୁଲ ବିନା ପ୍ରେମ ହେବ ନାହିଁ ବୋଲି ଧାରଣା ପ୍ରଥମେ ମନରୁ ଦୂର କରନ୍ତୁ। ଯଦି ପ୍ରେମର ତୀର ଆପଣ ଠିକ୍ ମାରିଛନ୍ତି ତେବେ ତାହା ସୁନ୍ଦରୀ ମନକୁ ନିଶ୍ଚୟ ଭେଦ କରିବ। ତା' ମନରେ ଏପରି ଘରଟିଏ କରନ୍ତୁ ଯେମିତି ତାହା ସବୁଦିନ ପାଇଁ ରହିଥିବ। ଗୋଲାପ ଫୁଲ ଦେଇ ପ୍ରେମ ନିବେଦନ କରନ୍ତୁ କି ନ କରନ୍ତୁ ସେଥିରେ ଯାଏ ଆସେ ନାହିଁ। ହେଲେ ପ୍ରେମ କିପରି ଲଙ୍ଗ୍ ଲାଷ୍ଟିଙ୍ଗ କରିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ।

**ପ୍ରଶ୍ନ**–ଥରେ ଜଣେ ସୁନ୍ଦରୀ ଆଖିରେ ପ୍ରେମ ଇସାରା ପାଇ ଆଗେଇଲି। ହେଲେ ଅଧା ରାସ୍ତାରେ ସେ ମୋ ହାତ ଛାଡ଼ି ଚାଲିଗଲା। କ'ଣ କରିବି ? *–ଦେବେନ୍ଦ୍ର ମଲ୍ଲ, ପାରାଦୀପ, ଜଗତ୍‌ସିଂହପୁର*

**ଉତ୍ତର:** ଭାବି ନିଅନ୍ତୁ ଯେ ରଂ ନମ୍ବର ଡାଏଲ କରିଥିଲେ। ଯାହା ତ ହୋଇଗଲା ଛାଡନ୍ତୁ। ତାକୁ ଯେତେ ଭାବିବେ ମନ ଭିତରେ କୁହୁଳୁଥିବା ଧୋକା ନିଆଁ ସେତେ ସତେଜ ହୋଇ ଜଳିବ। ତେଣୁ ସେହି ଚାପ୍ଟରକୁ ଯେତେ ଶୀଘ୍ର କ୍ଲୋଜ୍ କରି ପ୍ରେମରେ ନୂଆ ତଥା ପରମାନେଣ୍ଟ ଇନିଂସ ଆରମ୍ଭ କରନ୍ତୁ।

**ପ୍ରଶ୍ନ**–ମୋତେ ଯିଏ ମନପ୍ରାଣ ଦେଇ ଭଲ ପାଉଛି ସେ ଏବେ ଆଉ ଜଣକୁ ମନ ଦେଇସାରିଲାଣି। ହେଲେ ତାକୁ ଛାଡ଼ି ମୁଁ ବଞ୍ଚିପାରିବି ନାହିଁ। କ'ଣ କରିବି ? *–ଆଦିତ୍ୟ, ଢେଙ୍କାନାଳ*

**ଉତ୍ତର:** ଯାହା ଉପରେ ଏତେ ଭରସା ରଖି ଆଗେଇଥିଲେ ସେ ଅଧା ବାଟରେ ଆପଣଙ୍କୁ ଏକୁଟିଆ କରି ଚାଲିଗଲା। ସେ ଚାଲିଗଲା ପରେ 'ତାକୁ ଛାଡି ବଞ୍ଚିପାରିବି ନାହିଁ' କହିଲେ ତାହା ମୂଲ୍ୟହୀନ। ସେପରି ପାଗଳାମିରୁ ନିଜକୁ ଯେତେଶୀଘ୍ର ମୁକୁଳାଇବେ ତାହା ଆପଣଙ୍କ ପାଇଁ ଭଲ ହେବ। ଏପରି ପ୍ରେମିକାର ହାତ ଧରନ୍ତୁ ଯିଏ ଆପଣଙ୍କୁ ଏବଂ ଆପଣ ତାକୁ ଶତ ପ୍ରତିଶତ ଭରସା ଏବଂ ବିଶ୍ୱାସ କରୁଥିବ।




## ପ୍ରଥମ ରୋଜଗାର

# ପ୍ରଥମ ଦରମା ଟଙ୍କା ବାପାଙ୍କୁ ଦେଇଥିଲି



ଶିକ୍ଷକ, ଲେଖକ, ସାମାଜିକ କର୍ମୀ ତଥା ସଂସ୍କୃତି ପ୍ରେମୀ **ପ୍ରମୋଦ କୁମାର ସ୍ୱାଇଁ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ଖୋର୍ଦ୍ଧା ଜିଲା ବଉଳାବନ୍ଧ ନିକଟସ୍ଥ ଇଚ୍ଛାପୁର ଗାଁରେ ମୋ ଜନ୍ମ। ନାରୁଣୀ ଗୋଦାବରୀଶ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରି ବାଣପୁର ଗୋଦାବରୀଶ ମହାବିଦ୍ୟାଳୟରେ ଆଇ.ଏସ୍‌ସି ଓ ବି.ଏସ୍‌ସି ପଢିଥିଲି। ତା'ସହିତ ଏନ୍‌ସିସି ପାର୍ଟ-୧ ପରୀକ୍ଷା ଦେଇ ସାର୍ଟିଫିକେଟ୍ ବି ପାଇଥିଲି। ତେବେ ବି.ଏସ୍‌ସି ପରେ ଚାଷଙ୍ଗରା ନିକଟସ୍ଥ ଭାଲେରୀ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ ଯୋଗ ଦେଇଥିଲି। ସେତେବେଳେ ଏହା ଏକ ବେସରକାରୀ ବିଦ୍ୟାଳୟ ଥିଲା। ତେଣୁ ବିନା ପାରିଶ୍ରମିକରେ ଶିକ୍ଷକତା କରିବାକୁ ପଡୁଥିଲା। ୧୯୮୮ ମାର୍ଚ୍ଚରେ ବିଦ୍ୟାଳୟକୁ ସରକାରୀ ମାନ୍ୟତା ମିଳିଥିଲେ ହେଁ ଦରମା ମିଳିଲା ବେଳକୁ ୧୯୯୦ ଫେବୃୟାରୀ ମାସ ହୋଇଗଲା। ସେତେବେଳକୁ ମୁଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ବି.ଏଡ୍ ପାସ୍ କରିସାରିଥାଏ। ଯଦ୍ଦ୍ୱାରା ସେ ସମୟରେ ମୋତେ ସରକାରୀ ଶିକ୍ଷକ ଭାବେ ବକେୟା ଦରମା ସବୁ ଏକକାଳୀନ ମିଳିଥିଲା ଆଉ ମୁଁ ସେହି ଟଙ୍କାକୁ ନେଇ ବାପାଙ୍କ ହାତରେ ଦେଇଥିଲି। ଯେତେବେଳେ ଦରକାର ପଡୁଥିଲା ବାପାଙ୍କ ପାଖରୁ ଆଣି ଖର୍ଚ୍ଚ କରୁଥିଲି। ପ୍ରାୟ ୨୧ ବର୍ଷ ଉକ୍ତ ବିଦ୍ୟାଳୟରେ ଶିକ୍ଷକତା କରିବା ସହ ଛାତ୍ରୀଛାତ୍ରଙ୍କୁ ଏନ୍‌ସିସି ବି ଶିଖାଉଥିଲି। ତା'ସହିତ ଉକ୍ତ ସ୍କୁଲ୍ ହଷ୍ଟେଲର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ମଧ୍ୟ ତୁଲାଉଥିଲି। ଭାଲେରୀ ଉଚ୍ଚ ବିଦ୍ୟାଳୟ ପରେ ନାରୁଣୀ ଗୋଦାବରୀଶ ଉଚ୍ଚ ବିଦ୍ୟାଳୟରେ ୩ ବର୍ଷ ଶିକ୍ଷକତା କରିବା ପରେ ବଡ଼କୁଳ ଚିଲିକା ନୋଡାଲ ଉଚ୍ଚବିଦ୍ୟାଳୟକୁ ମୋର ବଦଳି ହୋଇଥିଲା। ଯେଉଁଠାରେ ମୁଁ ବର୍ତ୍ତମାନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରୁଅଛି। ଚାକିରି ଜୀବନ ବାଦ୍ କବିତା, ଶିଶୁ ନାଟକ, ବିଜ୍ଞାନ ଭିତ୍ତିକ ନାଟକ ଇତ୍ୟାଦି ଲେଖିବାରେ ବି ମୋର ରୁଚି ରହିଛି। ଯା'ଭିତରେ ଧରଣୀ ଝରାଏ ଲୁହ, ପୁଅ ଖୋଲିଦେଲା ବାପାର ଆଖି, ବନରାଜଙ୍କ ବରଦାନ, ଗ୍ରୀନ୍ ଏନର୍ଜି, ମୁଁ ହେଲି ସାତପର, ଡିଜିଟାଲ୍ ଇଣ୍ଡିଆ, ଫାଇଲିନ୍‌ର ବିଭୀଷିକା, ବୃକ୍ଷ ଫେରାଇଲା ମୋ ପୁଅକୁ ଇତ୍ୟାଦି ବିଜ୍ଞାନ ଭିତ୍ତିକ ନାଟକ ଲେଖିବା ସହ ନିର୍ଦ୍ଦେଶନା ଦେଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷଣ ହୋଇସାରିଲାଣି। ତନ୍ମଧ୍ୟରୁ କିଛି ନାଟକ ଖୋର୍ଦ୍ଧା ଜିଲାସ୍ତରୀୟ ବିଜ୍ଞାନ ଭିତ୍ତିକ ନାଟକ ପ୍ରତିଯୋଗିତାରେ ପରିବେଷଣ ହୋଇ ମୋତେ ଶ୍ରେଷ୍ଠ ନିର୍ଦ୍ଦେଶକର ସମ୍ମାନ ବି ମିଳିସାରିଲାଣି। ତା'ସହିତ ଗଣିତ ଦ୍ୱିତୀୟ ପତ୍ର ନାମକ ଏକ ବହି ବି ମୋର ପ୍ରକାଶିତ ହୋଇସାରିଲାଣି। ଏହି ବହିରେ ମୁଖ୍ୟତଃ ଜ୍ୟାମିତି, ପରିମିତି, ତ୍ରିକୋଣମିତିର ସହଜ ସମାଧାନ ନିମିତ୍ତ ଅନେକ ଆବଶ୍ୟକ ଜାଣିବା କଥାମାନ ରହିଛି। ସେହିପରି ପ୍ରଗତିଶୀଳ ସୃଜନୀ ସଂସଦ(ଏହା ଏକ ଅଗ୍ରଣୀ ସାହିତ୍ୟିକ, ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ)ର ମୁଁ ହେଉଛି ପ୍ରତିଷ୍ଠାତା ଓ ସାଧାରଣ ସମ୍ପାଦକ। ଏହି ଅନୁଷ୍ଠାନ ତରଫରୁ ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ, ବୃକ୍ଷରୋପଣ, ଉତ୍କଳ ଦିବସ ପାଳନ, ମହାବିଷୁବ ସଂକ୍ରାନ୍ତିରେ କବି ସମ୍ମିଳନୀର ଆୟୋଜନ, ସ୍ୱର୍ଣ୍ଣଉଷା ନାମକ ବାର୍ଷିକ ସାହିତ୍ୟ ପତ୍ରିକା ଉନ୍ମୋଚନ, ଗୁରୁଦିବସରେ କୃତୀ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧନା ଓ ସାଧାରଣତନ୍ତ୍ର ଦିବସରେ ବିଭିନ୍ନ ଶ୍ରେଣୀର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ, ସ୍ଥାନୀୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସ୍ୱାଧୀନତା ଦିବସ, ଶିଶୁଦିବସ, ଗୁରୁଦିବସ ଓ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରତିଯୋଗିତା ପରିଚାଳନା ଏବଂ କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯାଉଛି। କେବଳ ସେତିକି ନୁହେଁ ବାପାଙ୍କ ନାମରେ ବିଶ୍ୱନାଥ ସ୍ୱାଇଁ ସ୍ମୃତି ସଂସଦ ବି ମୁଁ ଗଢିଛି। ଏହି ସଂସଦ ତରଫରୁ ମଝିରେ ମଝିରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯିବା ସହ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିରର ଆୟୋଜନ ତଥା ସମାଜସେବୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ବି କରାଯାଇଥାଏ। ଏତଦ୍‌ବ୍ୟତୀତ ଏବେ ମୁଁ ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା)ର ଖୋର୍ଦ୍ଧା ଜିଲା କାର୍ଯ୍ୟକାରୀ ସଦସ୍ୟର ଦାୟିତ୍ୱ ମଧ୍ୟ ତୁଲାଉଅଛି।

*–ଅନ୍ୱିତା*

# ସକାଳର ଅପେକ୍ଷାରେ...


ଝିଅ-ପୁଅଙ୍କ ସହ ତିଲୋତ୍ତମା

ପ୍ରତ୍ୟେକ ମା,ବାପା ସନ୍ତାନ ଜନ୍ମପରେ ତାଙ୍କ ଭବିଷ୍ୟତ ନେଇ ଅନେକ ସ୍ୱପ୍ନ ଦେଖିଥାନ୍ତି, ମାତ୍ର ପରିସ୍ଥିତି ବେଳେବେଳେ ସେସବୁକୁ ବଦଳେଇଦିଏ । ଯେଉଁଥିରେ କି ସେମାନଙ୍କ ଭବିଷ୍ୟତ ସମ୍ପୂର୍ଣ୍ଣ ଅନ୍ଧାର ଆଡ଼କୁ ଠେଲି ହୋଇଯାଏ । ଚାରିଆଡୁ ହତାଶ ଭିତରେ ଅଣ୍ଟା ସଳଖି ଛିଡ଼ାହେବା ଆଶାରେ ବଞ୍ଚୁଥିବା ଏକ ପରିବାର ସମ୍ପର୍କରେ ...

..............................

**ଯନ୍ତ୍ରଣାରେ ବଞ୍ଚିଛି, ନିତି ମରଣକୁ ଦେଖୁଛି–** ମୋର ନାମ କୈଳାସ ବେହେରା, ବୟସ ପ୍ରାୟ ୩୪ ହେବ। ବାପାଙ୍କ ନାମ ନାହ୍ଲୁ ବେହେରା। ମା'ଙ୍କ ନାମ ନିଶା ଦେଇ। ଆମ ଘର ଖୋର୍ଦ୍ଧା ଜିଲାର ଟାଙ୍ଗି ବ୍ଲକ ଅନ୍ତର୍ଗତ ରତନପୁର ଗ୍ରାମପଞ୍ଚାୟତର ରତନମାଳା-ବଧିସାହିରେ । ଆଜକୁ ପ୍ରାୟ ୯ବର୍ଷ ତଳେ ଗାଁରେ ତ କେବେ ରାଜ୍ୟ ବାହାରେ ଦିନମଜୁରିଆ ଭାବେ ରୋଜଗାର କରି ପରିବାର ଚଳାଉଥିଲି। ସମୟ କ୍ରମେ ମୋ ଦେହ ଅସୁସ୍ଥ ହେବାରୁ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଖାଇଲି। ଦେହଟିକେ ସୁସ୍ଥ ହେବାରୁ ଗାଁ ଗାଁ ବୁଲି ମାଛ ବେପାର କରୁଥିଲି। ଏମିତିରେ ଯାହାକିଛି ରୋଜଗାର ହେଉଥିଲା ସେଥିରେ ବାପା, ବୋଉ, ସ୍ତ୍ରୀ ମୋର ୫ବର୍ଷର ପୁଅ ଏବଂ ୨ବର୍ଷର ଝିଅ ଏବଂ କିଛି ବର୍ଷତଳୁ ମୋର ବଡ଼ଭାଇଙ୍କ ଅକାଳମୃତ୍ୟୁ ଘଟିଥିବାରୁ ତାଙ୍କର ବି ଗୋଟିଏ ପୁଅ, ଗୋଟିଏ ଝିଅ ଏବଂ ବିଧବା ଭାଉଜ ଆଦି ପ୍ରାୟ ୯ଜଣଙ୍କୁ ନେଇ ବହୁ ଅଭାବ ଅସୁବିଧାରେ ଆମ ଘର ଚାଲିଥାଏ । ମାତ୍ର ଦିନକୁ ଦିନ ଦୁଃଖ ବଢ଼ିବାରେ ଲାଗିଲା । ୨୦୦୯ମସିହା କଥା ମୋର ବ୍ରେନଟ୍ୟୁମର ହେବାରୁ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ ପଡ଼ିଲା। ଏଥିପାଇଁ ପରିବାର ଓ ବାନ୍ଧବବାନ୍ଧବ ସାମର୍ଥ୍ୟ ମତେ ସାହାଯ୍ୟ ସହଯୋଗ କରିଥିଲେ । ପୁଣି ୨୦୧୮ ମସିହାରେ ବିବେକାନନ୍ଦ ହସ୍ପିଟାଲରେ ବ୍ରେନ ଟ୍ୟୁମର ଅପରେସନ କରାଗଲା। ସେଠାରେ କିଛିଦିନ ଚିକିତ୍ସିତ ହେଲି, ମାତ୍ର ଆର୍ଥିକ ଅଭାବରୁ ସେଠାରୁ କଟକ ବଡ଼ ଡାକ୍ତରଖାନାରେ ଯାଇ ଚିକିତ୍ସା ହେଲି। ବାପା ବି ମୋ ପାଖରେ ରହିଲେ। ରୋଗରୁ ଆରୋଗ୍ୟ ପାଇଁ ସେ କାହା କାହା ଠାରୁ କିଛି ଧାରକରଜ କରିଥିଲେ। ଏହି ପରିସ୍ଥିତିରେ ମୋର ତ ସମ୍ପୂର୍ଣ୍ଣ ରୋଜଗାର ବନ୍ଦ ହୋଇଗଲା । କିଛିଦିନ ପରେ ଡାକ୍ତରଖାନାରୁ ଗାଁକୁ ଫେରିଲି । ଆମ ସମସ୍ତଙ୍କ ମୁହଁରେ ଦାନାପାଣି ଦେବା ପାଇଁ ବାପା ତାଙ୍କର ସେଇ ପୁରୁଣା ସାଇକେଲରେ ସୋରଣ ଚିଲିକା କୂଳରୁ କିଛି ମାଛକିଣି ଗାଁ ଗାଁ ବୁଲି ବିକ୍ରି କଲେ। ଯାହା କିଛି ରୋଜଗାର ହେଲା ସେଥିରେ ଘରର ୯ଜଣ ଆମେ ନିର୍ଭର କଲୁ । ସେହି ରୋଜଗାରରୁ ମୋର ଔଷଧ ଖର୍ଚ୍ଚ ଏବଂ ଅନ୍ୟଠାରୁ ଆଣିଥିବା କିଛି ଧାରକରଜ ଟଙ୍କାକୁ ଶୁଝିବା ପାଇଁ ଚେଷ୍ଟାକଲେ। ଘରେ ମୋ ରୋଗଯନ୍ତ୍ରଣା ଦେଖି ବେଳେବେଳେ ବାପା ବୋଉ ଚୁପଚାପ ଆଖିରୁ ଲୁହ ଗଡ଼ାଇ କାନ୍ଦନ୍ତି। ମୁଁ ତ ପୂରା ନିରୁପାୟ ! ସତେ ଯେମିତି ଗୋଟିଏ ଜିଅନ୍ତା ଶବ ପାଲଟି ଯାଇଛି। ମୋ ପିଲାମାନେ ମୋ ମୁହଁକୁ ବଲବଲ ହୋଇ ଚାହୁଁଥାନ୍ତି। ଏସବୁ ଦେଖି ରୋଗଯନ୍ତ୍ରଣା ଠାରୁ ଦୁଃଖ ଯନ୍ତ୍ରଣାରେ ଛାତି ଭିତରଟା କୋରିହୋଇପଡ଼େ । ଯେମିତି କି ମୁଁ କେବଳ ଯନ୍ତ୍ରଣାରେ ବଞ୍ଚିଛି, ନିତି ମରଣକୁ ଦେଖୁଛି। ଘର ଚଳିବାରେ ଦିନକୁ ଦିନ ଘୋର ଅସୁବିଧା ଦେଖାଦେବାରୁ ଗାଁର କେତେକ ଯୁବକ କାହାରିଠାରୁ କିଛି ଚାଉଳ ଟଙ୍କା ଆଦାୟକରି ସାହାଯ୍ୟ କରିଥିଲେ। ସରକାରଙ୍କ ତରଫରୁ ଥରେ ୨୦ ହଜାର ଏବଂ ଥରେ ୭ହଜାର ଟଙ୍କା ସାହାଯ୍ୟ ମିଳିଥିଲା। ଔଷଧ ଖର୍ଚ୍ଚରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇସାରିଲାଣି । ମୋ ପିଲାଙ୍କ ଭବିଷ୍ୟତ ଓ ଶରୀର ଆରୋଗ୍ୟ ପାଇଁ କେବଳ ଭଗବାନ ହିଁ ଭରସା ।

**ଦୁଃଖର ଲୁହରେ କାଟୁଛି ଦିନ–** ଆଜକୁ ପ୍ରାୟ ୮ବର୍ଷ ହେବ, ସେତେବେଳେ ମୁଁ ବାପଘରେ ରହିଥାଏ। ଭାଦ୍ରବମାସ ଅପରାହ୍ନ ସମୟ। ହଠାତ ଏକ ଖବର ଶୁଣି ମୋ ପାଦତଳୁ ମାଟିଖସିଗଲା ପରି ଲାଗିଲା ଆଉ ଯାହା କେବେ ଭାବି ନ ଥିଲି ତାହା ହିଁ ଘଟିଲା। ମୋ ସ୍ୱାମୀ କୂଅରେ ପଡ଼ି ଚାଲିଗଲେ, ସବୁ କିଛି ସରିଗଲା। ଏମିତି ଦୁଃଖର କଥାକୁ ଶୁଣାଇଥିଲେ ନାହ୍ଲୁ ବେହେରାଙ୍କ ବଡ଼ବୋହୂ ତିଲୋତ୍ତମା। ସେ କୁହନ୍ତି, ସେବେଠାରୁ ଦୁଃଖର ଲୁହରେ ହିଁ ଦିନକାଟୁଛି। ସବୁବେଳେ ପିଲାଙ୍କ ପାଇଁ ଚିନ୍ତା, ରାତିଦିନ କେମିତି କଟେ କିଛି ଜଣାପଡ଼େନା। ଯେବେ ପିଲାମାନେ ଅଝଟ ହୁଅନ୍ତି ମନେପଡ଼େ ତାଙ୍କ କଥା। ଏମିତି କଥା କହୁ କହୁ ତାଙ୍କ ଆଖିରେ ଲୁହ ଛଳଛଳ ହୋଇଯାଏ। ପିଲାମାନେ ତାଙ୍କ ବାପାଙ୍କୁ ହରାଇଲା ପରେ ଦୁଃଖ ହିଁ ପାଲଟିଛି ମୋର ସାଥୀ। ଏପରି କି ୭୫ବର୍ଷୀୟା ବୃଦ୍ଧ ଶ୍ୱଶୁର ଘରଚଳେଇବା ପାଇଁ ବାଧ୍ୟ ବାଧକତାରେ ଗାଁ ଗାଁ ବୁଲି ମାଛ ବିକୁଛନ୍ତି। ସେତିକିରେ ଅଭାବ ଦୂରେଇ ପାରୁନି । ବେଳେବେଳେ ପରିବାରରେ ଓଳିଏ ଖାଇଲେ ଓଳିଏ ଉପବାସ ରହିବାକୁ ପଡ଼ୁଛି।


ପତ୍ନୀ ଓ ଝିଅ – ପୁଅଙ୍କ ସହ କୈଳାସ



ନିଶାଦେଇ ଓ ତାଙ୍କ ସ୍ୱାମୀ ନାହ୍ଲୁ

**ବିକଳ ସହିହେଉନି, ଏମାନଙ୍କ ପାଇଁ ବଞ୍ଚିଛି–** କୈଳାସଙ୍କ ବାପା ନାହ୍ଲୁ ବେହେରା କୁହନ୍ତି, ଦିନଥିଲା ପୁଅ, ବୋହୂ, ନାତି ନାତୁଣୀରେ ଘର ପୂରି ଉଠୁଥିଲା, ଆଉ ଭାବିଥିଲି ମୋ ବୃଦ୍ଧବୟସରେ ଦୁଇପୁଅ ଯାକ ସାହାହେବେ, ଏପରି କି ମୁଁ ମରିଗଲେ ମୋ ଶୁଦ୍ଧିକ୍ରିୟା କରିଥାନ୍ତେ, ମାତ୍ର ମୋ ମରଣ ପୂର୍ବରୁ ବଡ଼ପୁଅ ଚାଲିଗଲା । ଏବେ ସାନପୁଅର ଏପରି ଅବସ୍ଥା । ମୋ ପାଖରେ ବଡ଼ପୁଅର ଦୁଇଟା ବାପଛେଉଣ୍ଡ ପିଲା । ଆମର ତ ସେଭଳି କିଛି ପୈତୃକ ସମ୍ପତ୍ତି ନାହିଁ କି ପୁଞ୍ଜି ବି ନାହିଁ। କେବଳ ମୁଣ୍ଡ ଗୁଞ୍ଜିବାକୁ ସେତେବେଳେ ଯାହାଯେମିତି ଉପାୟରେ ଆଜବେଷ୍ଟ ଘରଖଣ୍ଡେ କରିଥିଲି । ଘରେ ଖାଇବାକୁ ମୁଠେ ଦାନା ନାହିଁ। ଅଭାବ ଅନଟନରେ ଭୋକ ଉପାସରେ ରହିବାକୁ ପଡ଼େ। ଏବେ ମୋର କିଡ୍‌ନୀ ଏବଂ ହାର୍ଟ ଅସୁବିଧା ଥିବାରୁ ଔଷଧ ଖାଇବାକୁ ପଡ଼ୁଛି । ଏହି ବୟସରେ ଟାଣିଟୁଣି ହୋଇ କେବଳ ବଞ୍ଚିବା ପାଇଁ ମାଛ ବେପାର କରୁଛି। ସବୁ ଦୁଃଖ ଯନ୍ତ୍ରଣାର ଭାର ମୋରି କାନ୍ଧରେ ଲଦି ହୋଇପଡ଼ୁଛି। କ'ଣ କରିବି କିଛି ବୁଦ୍ଧିବାଟ ଦିଶୁ ନାହିଁ। ଏମିତିରେ କୈଳାସଙ୍କ ନାଁରେ ରାଶନ କାର୍ଡଟିଏ ନାହିଁ କି ଗ୍ରାମପଞ୍ଚାୟତରୁ ସେଭଳି କିଛି ସରକାରୀ ସହାୟତା ବି ମିଳିପାରୁ ନାହିଁ। ଯେଉଁଠି ପେଟ ଚାଖଣ୍ଡକ ପାଇଁ ସଂଘର୍ଷ ସେଠି ଆଉ ଭବିଷ୍ୟତ କଥା କିପରି ଚିନ୍ତା କରିପାରିବୁ । ତା' ମାଆ ଆଖିରୁ ଲୁହ ଶୁଖୁନି, ସବୁବେଳେ ଚିନ୍ତାରେ ରହୁଛି । ଯାହା କେବଳ ଭଗବାନଙ୍କ ଉପରେ ଭରସା । ସେ ଯାହା କରିବେ । ମୋର ଆଉ କିଛି ଉପାୟ ନାହିଁ। ବଞ୍ଚିଛୁ କେବଳ ଏଇ ପିଲାଙ୍କ ମୁହଁକୁ ଚାହିଁ। ଅନ୍ୟପକ୍ଷେ ଗ୍ରାମର ପବିତ୍ର ପ୍ରଧାନ କୁହନ୍ତି, ଅସହାୟ, ଗରିବ ଓ ଦୁରାରୋଗ୍ୟ ବ୍ୟାଧି ପୀଡ଼ିତଙ୍କୁ ସରକାରୀସ୍ତରରେ ଚିକିତ୍ସାଠାରୁ ଆରମ୍ଭ କରି ବିଭିନ୍ନ ସହାୟତା ମିଳିପାରିବାର ଯୋଜନା ରହିଛି। କିନ୍ତୁ ଏଠି ଏସବୁ ସ୍ୱପ୍ନ ପାଲଟିଛି।



ନାହ୍ଲୁଙ୍କ ପରିବାର– ପତ୍ନୀ, ପୁଅ,ବୋହୂ,ନାତି ଓ ନାତୁଣୀ

–ବନବିହାରୀ ବେହେରା



## ଆରତୀ

### ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

## ହାଃ ହାଃ

### ସ୍ୱଚ୍ଛ

ଶିକ୍ଷକ ମଣ୍ଟୁକୁ- ସ୍ୱଚ୍ଛ ପଦାର୍ଥ ମାନେ କ’ଣ କହିଲୁ।
ମଣ୍ଟୁ-ଯାହା ମଧ୍ୟଦେଇ ଆମେ ଦେଖିପାରୁ, ତାହା ହେଉଛି ସ୍ୱଚ୍ଛ ପଦାର୍ଥ।
ଶିକ୍ଷକ- ଉଦାହରଣ ଦେଲୁ।
ମଣ୍ଟୁ- ଝରକା

### ମେମୋରି କାର୍ଡ

ଯୁବତୀ ମୋବାଇଲ ଦୋକାନକୁ ଯାଇ- ମୋ ମୋବାଇଲ୍‌ରେ କିଛି ଗୀତ ଲୋଡ୍ କରିଦେଲ ଭାଇ।
ଦୋକାନୀ- ମେମୋରି କାର୍ଡ ଅଛି ?
ଯୁବତୀ- ସେଇଟା ତ ନାହିଁ। ହେଲେ ଆଧାର କାର୍ଡ, ପ୍ୟାନ୍ କାର୍ଡ ଓ ଭୋଟର କାର୍ଡ ଅଛି। ଚଳିବ ତ ?


### ପ୍ରତିଯୋଗିତା

ଜେଲର କଏଦୀକୁ- ତୁ କେଉଁ ଅପରାଧ ପାଇଁ ଦଣ୍ଡ ପାଉଛୁ ?
କଏଦୀ- ସାର୍, ସରକାରଙ୍କ ସହ ପ୍ରତିଯୋଗିତା କରି।
ଜେଲର- କୋଉ ପ୍ରତିଯୋଗିତା ?
କଏଦୀ- ନୋଟ୍ ଛାପିବା।

## ଐତିହାସିକ ପର୍ଯ୍ୟଟନସ୍ଥଳୀ

# ଥଙ୍ଗାସେରୀ ଦୁର୍ଗ





**କେରଳର କୋଲ୍ଲାମ୍ ସହର ଅନ୍ତର୍ଗତ ଏକ ତଟୀୟ ଅଞ୍ଚଳ ହେଉଛି ଥଙ୍ଗାସେରୀ। ଏଠାରେ ରହିଛି ଏକ ପ୍ରାଚୀନ ଦୁର୍ଗ, ଯାହାର ନାଁ ହେଲା ଥଙ୍ଗାସେରୀ ଦୁର୍ଗ। ସେଣ୍ଟ ଥୋମାସ୍ ଦୁର୍ଗ ଭାବେ ବି ଏହା ପରିଚିତ...**

ଥଙ୍ଗାସେରୀ ହେଉଛି କେରଳର କୋଲ୍ଲାମ୍ ସହର ଅନ୍ତର୍ଗତ ଏକ ତଟୀୟ ଅଞ୍ଚଳ, ଯେଉଁଠାରେ ରହିଛି ପ୍ରାଚୀନ ଥଙ୍ଗାସେରୀ ଦୁର୍ଗ। ଏହି ଦୁର୍ଗ ସେଣ୍ଟ ଥୋମାସ୍ ଦୁର୍ଗ ନାମରେ ବି ପରିଚିତ। କେରଳ ରାଜ୍ୟର ରାଜଧାନୀ ଥିରୁଭାନନ୍ଥପୁରମ୍‌ଠାରୁ ପ୍ରାୟ ୭୧ କି.ମି ଏବଂ କୋଲ୍ଲାମ୍ ସହରଠାରୁ ପ୍ରାୟ ୫ କି.ମି ଦୂରରେ ଥିବା ଏହି ଦୁର୍ଗ ନିକଟକୁ ବୁଲିବାକୁ ଗଲେ ଅନେକ ଐତିହାସିକ ତଥ୍ୟ ଜାଣିବାର ସୁଯୋଗ ମିଳେ। ଖାସ୍ ସେଥିପାଇଁ ଏଠାରେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ପରିଲକ୍ଷିତ ହୋଇଥାଏ।

### କେବେ ଓ କେମିତି ଯିବେ

ଖରାଦିନେ ଏଠାରେ ଗରମ ଅନୁଭୂତ ହୋଇଥାଏ। ସେଥିପାଇଁ ଶୀତଦିନେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ବୁଲି ଯାଇଥାନ୍ତି। ଖାସ୍‌କରି ଅକ୍ଟୋବରରୁ ଫେବୃୟାରୀ ଭିତରେ ଏଠାରେ ଆଗନ୍ତୁକଙ୍କର ବେଶ୍ ଭିଡ଼ ଦେଖିବାକୁ ମିଳିଥାଏ। ସେହିପରି ଏଠାକୁ ଯିବା ପାଇଁ ପରିବହନର ତିନୋଟି ମାଧ୍ୟମର ସୁବିଧା ରହିଛି। ତ୍ରିବେନ୍ଦ୍ରମ୍ ଏୟାର୍‌ପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର, ଯାହା ଥଙ୍ଗାସେରୀ ଦୁର୍ଗଠାରୁ ପ୍ରାୟ ୭୦ କି.ମି ଦୂରରେ ଅବସ୍ଥିତ। ଉକ୍ତ ବିମାନବନ୍ଦର ନିକଟରୁ ଥଙ୍ଗାସେରୀ ଦୁର୍ଗକୁ ଯିବା ପାଇଁ ଟ୍ୟାକ୍ସିର ସୁବିଧା ବି ରହିଛି। ଅନ୍ୟପକ୍ଷେ କୋଲ୍ଲାମ୍ ଜଙ୍କସନ୍ ରେଲୱେ ଷ୍ଟେଶନ ହେଉଛି ଥଙ୍ଗାସେରୀ ଦୁର୍ଗର ନିକଟତମ ତଥା ଏକ ପ୍ରମୁଖ ରେଳଷ୍ଟେଶନ। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଏଠାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ।



### ଦୁର୍ଗର ଇତିହାସ ସମ୍ପର୍କରେ


ଥଙ୍ଗାସେରୀ ଦୁର୍ଗ ହେଉଛି ଏକ ପ୍ରାଚୀନ ଦୁର୍ଗ। ଏହାର ସମ୍ପର୍କ ଷୋଡ଼ଶ ଖ୍ରୀଷ୍ଟାବ୍ଦ ସହ ରହିଥିବା ଜଣାଯାଏ। ସେତେବେଳେ ଏହି କ୍ଷେତ୍ର ପର୍ତ୍ତୁଗୀଜମାନଙ୍କ ନିୟନ୍ତ୍ରଣରେ ଥିବାର ସୂଚନା ମିଳେ। ସେହିପରି ଆରବ ସାଗରର ତଟ ଦେଶରେ ଥିବା ଏହି ଐତିହାସିକ ଦୁର୍ଗଟିର ନିର୍ମାଣ ସାଣ୍ଡଷ୍ଟୋନ୍ ଓ ଲାଇମ୍ ମୋଟାର୍ ଦ୍ୱାରା ହୋଇଥିବା ବି ଜଣାଯାଏ। ତେବେ ଏହି ଦୁର୍ଗ ମାଧ୍ୟମରେ ସମୟାନୁସାରେ କେମିତି କୋଲ୍ଲାମ୍ କ୍ଷେତ୍ର ଉପରେ ବିଭିନ୍ନ ବାହ୍ୟଶକ୍ତି (ଯଥା: ପର୍ତ୍ତୁଗୀଜ୍, ଡଚ୍ ଓ ବ୍ରିଟିଶ)ମାନେ ନିଜର ଅଧିକାର ଜାହିର କରିଥିଲେ ସେ ସମ୍ପର୍କରେ ବି ଅନେକ ତଥ୍ୟ ଜାଣିହୁଏ। ଇତିହାସର ଏତେ ସବୁ ଗୁରୁତ୍ୱପୂର୍ଣ୍ଣ ଘଟଣାବଳୀକୁ ନିଜ ଭିତରେ ସାଇତି ରଖିଥିବା ଏହି ଦୁର୍ଗଟିର ବର୍ତ୍ତମାନ କେବଳ ଭଗ୍ନାଂବଶେଷ ଦେଖିବାକୁ ମିଳୁଥିଲେ ବି ଏହାର ମହତ୍ତ୍ୱ କମ୍ ହୋଇ ନାହିଁ।

### ଆଉ କ'ଣ ଦେଖିବେ

ଥଙ୍ଗାସେରୀ ଦୁର୍ଗ ସହ ଜଡିତ ଥିବା ଅନେକ ଐତିହାସିକ ତଥ୍ୟ ତଥା ଏଠାକାର ତଟୀୟ ଭୌଗୋଳିକ ସ୍ଥିତି ହିଁ ପର୍ଯ୍ୟଟକଙ୍କୁ ଏଠାକୁ ଆସିବା ପାଇଁ ଆକର୍ଷିତ କରିଥାଏ। କାରଣ ଆରବ ସାଗରର ତଟ ଦେଶରେ ଅବସ୍ଥିତ ଥିବା ଏହି ଦୁର୍ଗ ନିକଟରେ ସାମୁଦ୍ରିକ ଜଳବାୟୁ ଅନୁଭୂତ ହୋଇ ଶରୀରକୁ ମାନସିକ ଓ ଶାରୀରିକ ଶାନ୍ତି ପ୍ରଦାନ କରିଥାଏ। କେବଳ ସେତିକି ନୁହେଁ, ଏଠାରେ ଥଙ୍ଗାସେରୀ ଦୁର୍ଗ ବ୍ୟତୀତ ଆହୁରି ଅନେକ ଦର୍ଶନୀୟ ସ୍ଥାନ ବି ବୁଲି ଦେଖିହୁଏ। ତନ୍ମଧ୍ୟରୁ ଥଙ୍ଗାସେରୀ ବିଚ୍, କୋଲ୍ଲାମ୍ ବନ୍ଦର, ଇନ୍‌ଫାଣ୍ଟ ଜେସସ୍ କାଥେଡ୍ରାଲ୍, ଲାଇଟ୍ ହାଉସ୍ ଇତ୍ୟାଦି ଅନ୍ୟତମ। ତେଣୁ ଇତିହାସରେ ରୁଚି ରଖୁଥିବା ତଥା ପ୍ରକୃତିପ୍ରେମୀଙ୍କ ପାଇଁ ଏହା ଏକ ଖାସ୍ ପର୍ଯ୍ୟଟନସ୍ଥଳୀ କହିଲେ ଆଦୌ ଭୁଲ୍ ହେବନାହିଁ।








# ତାରରେ ମା’ ଦୁର୍ଗାଙ୍କ ପ୍ରତିମୂର୍ତ୍ତି

ଦୁର୍ଗାପୂଜା ସମୟରେ ମା’ ଦୁର୍ଗାଙ୍କର ଅନେକ ପ୍ରକାରର ମୂର୍ତ୍ତି ଗଢ଼ାଯାଏ। କିଛି କାରିଗର ତ ବିଭିନ୍ନ ଉପାଦାନରେ ମା’ଙ୍କ ମୂର୍ତ୍ତି ଗଢ଼ିଥାଆନ୍ତି। ତେବେ ନିକଟରେ ଆସାମର ଧିବ୍ରୁ ଜିଲାର ଆସାମ ଷ୍ଟେଟ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟିରେ କାର୍ଯ୍ୟରତ ଅଧିବାସୀ ସଞ୍ଜୀବ ବସକ ମା’ ଦୁର୍ଗାଙ୍କର ଏମିତି ଏକ ପ୍ରତିମୂର୍ତ୍ତି ଗଢ଼ିଥିଲେ, ଯାହା ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲା। ଉକ୍ତ ମୂର୍ତ୍ତିର ବିଶେଷତ୍ୱ ହେଉଛି, ଏହାକୁ ସେ ବିଦ୍ୟୁତ୍ ତାରରେ ତିଆରି କରିଛନ୍ତି। ଏଥିରେ ସୂକ୍ଷ୍ମ କାରିଗରି ଦେଖିବାକୁ ମିଳେ। ଏହାକୁ ସମ୍ପୂର୍ଣ୍ଣ କରିବାକୁ ତାଙ୍କୁ ୨ ମାସ ସମୟ ଲାଗିଥିଲା। ଏହା ଆସାମ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇବା ସହ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ପାଇଛି। ଏଥିରେ ୧୬୦ କି.ଗ୍ରା. ତାର ବ୍ୟବହାର କରାଯାଇଥିଲା। ଆଉ ଏହି ତାରକୁ ସେ ରାସ୍ତାଘାଟ, ଡଷ୍ଟବିନ୍, ଅଳିଆଗଦା ଆଦିରୁ ସଂଗ୍ରହ କରିଥିଲେ।

## କାର୍ଟୁନ କର୍ନର



# କଳାକାର ହେବା ସହଜ ନୁହେଁ

କଳାକାର ହେବା ଛୋଟିଆ କଥା ନୁହେଁ। ଯିଏ ନିଜର ସବୁ ସୁଖଦୁଃଖକୁ ପଛରେ ପକେଇ ମଞ୍ଚ ଉପରେ ଅଭିନୟ କରିପାରେ ସେ ହିଁ ସଚ୍ଚା କଳାକାରଟିଏ ହୋଇପାରେ। ଏକଥା କହନ୍ତି ଯାତ୍ରା ଜଗତର ଜଣେ ଲୋକପ୍ରିୟ ଅଭିନେତା ଅଜୟ ସ୍ୱାଇଁ। ତାଙ୍କ ଜୀବନରେ ଘଟିଥିଲା ଏକ ଘଟଣା ଯାହାକୁ ଅତିକ୍ରମ କରିବା ତାଙ୍କ ପାଇଁ କଷ୍ଟ ସାଧ୍ୟ ଥିଲା। ମାତ୍ର ସେ କଳା ପାଇଁ ସେହି ଘଟଣାକୁ ମନରେ ଚାପି ରଖି ଦର୍ଶକଙ୍କ ସାମ୍ନାକୁ ଆସିଥିଲେ। ଅଜୟ ସେତେବେଳେ ଅପେରା ବ୍ଲୁରେ କାମ କରୁଥାନ୍ତି। ଗଣେଶ ପୂଜା ସମୟ। ପାର୍ଟି ଦେବଗଡ଼ ଯାଉଥାଏ। ସେ ଥାଆନ୍ତି ପାର୍ଟି ସହିତ। ଗାଡ଼ି ଯାଇ ଲାଗିଲା ଖମାର ନାମକ ଏକ ସ୍ଥାନରେ। ତାଙ୍କର ବାପାଙ୍କ କଥା ଭାରି ମନେ ପଡ଼ିଲା। ସେ ଫୋନ୍ କଲେ ଘରକୁ। ବାପାଙ୍କ ସହ କଥା ହେଲେ। ଭାରି ଖୁସିରେ ତାଙ୍କ ସହିତ କଥା ହେଲେ ବାପା। ଫୋନ୍ ରଖିଦେଲେ ଅଜୟ। ଖମାରରୁ ଗାଡ଼ି ଚାଲିଲା ଆଗକୁ। କୋଡ଼ିଏ ପଚିଶ କିଲୋମିଟର ଯାଇଛନ୍ତି ହଠାତ୍ ଫୋନ୍ ବାଜି ଉଠିଲା। ଚମକି ପଡ଼ିଲେ ଅଜୟ। ଫୋନ୍ ସ୍ୱିଚ୍ ଅନ୍ କରନ୍ତି ତ ଯାହା ଶୁଣିଲେ ବିଶ୍ୱାସ କରିପାରିଲେ ନାହିଁ। ବଡ଼ ଭାଇ କହୁଥିଲେ, ବାପା ଆଉ ନାହାନ୍ତି। ଅଜୟଙ୍କ ଆଖି ଆଗରେ ଯେମିତି ଅନ୍ଧାର ଜମାଟ ବାନ୍ଧିଗଲା। ସେ ତ ଏବେ ବାପାଙ୍କ ସହ କଥା ହୋଇଥିଲେ। ଏମିତି କ'ଣ ହେଇଗଲା ଯେ, ବଡ଼ଭାଇ କହୁଛନ୍ତି ବାପା ଆଉ ନାହାନ୍ତି। ବଡ଼ଭାଇ କହୁଥିଲେ, ବାପା ପାନ ଭାଙ୍ଗି ଖାଇଲେ। ନଈକୂଳକୁ ଯାଉଥିଲେ। ହଠାତ କ'ଣ ହେଇଗଲା ତଳେ ପଡ଼ିଗଲେ। ଆଉ ଦେଖିବା ବେଳକୁ ତାଙ୍କ ଦେହରେ ଜୀବନ ନାହିଁ। ବେଳେ ବେଳେ ଏମିତି ଘଟଣା ହିଁ ଘଟେ। ଅଜୟ ସେଇଠୁ ଘରକୁ ଫେରିଲେ। ଉଦ୍ଦେଶ୍ୟ, ଶେଷଥର ପାଇଁ ବାପାଙ୍କୁ ଦେଖିବେ। ମାତ୍ର ପହଞ୍ଚିବା ବେଳକୁ ଅନେକ ଡେରି ହୋଇଯାଇଥିଲା। ସାହିପଡ଼ିଶାର ଭାଇମାନେ ବାପାଙ୍କୁ ଚିତାରେ ବସେଇ ସାରିଥିଲେ। ଚିତା ନିଆଁରେ ଜଳୁଥିଲେ ବାପା। ଏମିତିକି କାଠ ଖଣ୍ଡିଏ ବି ନ ଥିଲା ବାପାଙ୍କ ଚିତାରେ ଦବା ପାଇଁ। ସେ ଚିତାପାଖରେ ପଡ଼ିଥିବା କାଠର ଛେଲିକୁ ବାପାଙ୍କ ଚିତାରେ ପକେଇ ତାଙ୍କର ଶେଷ ସମ୍ମାନ ପ୍ରଦର୍ଶନ କଲେ। ଆଉ କଳାକାର ହୋଇଥିବାର ଦୁଃଖ ବାପାଙ୍କୁ କହିଥିଲେ। କ୍ଲବ ଡ୍ରାମାରୁ ଯାତ୍ରା କ୍ୟାରିଅର ଆରମ୍ଭ କରିଥିବା ଅଜୟ କହନ୍ତି : କଳାକାର ହେବାକୁ ହେଲେ ଏସବୁ ଘଟଣାକୁ ଛାତି ଭିତରେ ଚାପିରଖିବାକୁ ହୁଏ। ହେଲେ ବାସ୍ତବରେ ଏସବୁ ଛାତିରେ ଲୁଚେଇ ରଖି ଅଭିନୟ କରିବା ସହଜ ନୁହେଁ। ଅଜୟଙ୍କ ଅଭିନୟ ଯାତ୍ରା କିନ୍ତୁ ଚାଲିଛି। ସମ୍ପ୍ରତି ଅପେରା 'ସୂର୍ଯ୍ୟମନ୍ଦିର'ରେ ଅଭିନୟ ଜାରି ରଖିଥିବା ଅଜୟ ଇତିମଧ୍ୟରେ ଦୀର୍ଘ ପନ୍ଦର ବର୍ଷରୁ ଊର୍ଦ୍ଧ୍ୱକାଳ ସେ ଯାତ୍ରା ଜଗତରେ ଅତିବାହିତ କରି ସାରିଲେଣି। ବହୁ ସଫଳ ନାଟକରେ ଅଭିନୟ କରିଛନ୍ତି। ସେସବୁ ମଧ୍ୟରେ ରହିଛି 'ମହୁରି ବାଜିବ ଗଉରୀ ପାଇଁ', 'କାଚ ସହର', 'ଲେଡ଼ି ଟାର୍ଜନ', 'ସ୍ତ୍ରୀ ପ୍ରତି ସାବଧାନ', 'ସାପୁଆ କେଳା', 'ଘୁଙ୍ଗୁର ବାନ୍ଧିଲି ତୁମରି ପାଇଁ', 'ଛତା ଚିହ୍ନରେ ଭୋଟ୍ ଦିଅ', 'ସାବିଲୋ ତତେ ଯୋଗଣୀ ଖାଉ', 'ଜିନ୍ଦାବାଦ ଓଡ଼ିଶା', 'ଛାତିରେ ରହିଛି ରାତିର କଥା', 'ମୋ ଭାଇ ମୁଣ୍ଡରେ ସୁନା ମୁକୁଟ', 'ଡାଆଣୀ ଆଖି', 'ବାଲେଶ୍ୱର ବୋହୂ ବର୍ଷା' ଏବଂ ଆହୁରି ଅନେକ।



ଅଜୟ



ରୋଜୀ

# 'ଭଲ ଲାଗୁଥିବା ଯାଏ ଯାତ୍ରାରେ ଥିବି'

ନା ଆଗରୁ ଯାତ୍ରା କରିଥିଲେ ନା ଅଭିନୟରେ ତାଲିମ୍ ନେଇଥିଲେ। ତେବେ ଯାତ୍ରା ପ୍ରତି ରୁଚି ରହିଥିଲା। ଅଚାନକ ମିଳିଗଲା ସୁଯୋଗ। ତ ଚାଲି ଆସିଲେ ଯାତ୍ରାକୁ। ଏବେ ସେ ହେଉଛନ୍ତି ଓଡ଼ିଆ ଯାତ୍ରା ଜଗତର ଜଣେ ପରିଚିତ ଅଭିନେତ୍ରୀ। ସେ ହେଉଛନ୍ତି ଜ୍ୟୋସ୍ନାରାଣୀ ନାୟକ। ତେବେ ଯାତ୍ରାରେ ସେ କେବଳ ରୋଜୀ ବୋଲି ପରିଚିତ। ଭଦ୍ରକରେ ଜନ୍ମିତା ରୋଜୀ ୨୦୧୭ରେ ଆସନ୍ତି ଯାତ୍ରାକୁ। ଯୋଗଦିଅନ୍ତି ଇଷ୍ଟର୍ଣ୍ଣ ରେଡ୍ ଗଣନାଟ୍ୟରେ। ପ୍ରାୟ ଅଭିନେତ୍ରୀଙ୍କ ଯାତ୍ରା କ୍ୟାରିୟର ଡ୍ୟାନ୍ସରୁ ଆରମ୍ଭ ହୋଇଥିଲେ ମଧ୍ୟ ରୋଜୀଙ୍କ କ୍ଷେତ୍ରରେ ସେମିତି ଘଟି ନ ଥିଲା। ତାଙ୍କୁ ସିଧାସଳଖ ମିଳିଥିଲା ନାଟକରେ ଅଭିନୟର ସୁଯୋଗ। ସେ ପାଞ୍ଚ ପଇସାର ସ୍ୱାମୀ, କହିଦେଲେ ମୁଁ ମରିଯିବୁ ତୁ, ଗାଁରୁ ଆସିଛି ଗଉରୀ ନାନୀ ଭଳି ନାଟକରେ ଅଭିନୟ କରି ନିଜ ଭିତରେ ଥିବା ଅଭିନୟ ପ୍ରତିଭାର ପରିଚୟ ଦେଇଥିଲେ। ଏହାପରେ ଆସିଲେ ପାର୍ବତୀ। ଏବେ ରାଜଧାନୀ ଅପେରାରେ ଅଭିନୟ ଜାରି ରଖିଛନ୍ତି। ତାଙ୍କ ଅଭିନୀତ ଅନ୍ୟ ନାଟକ ଗୁଡ଼ିକ ମଧ୍ୟରେ ରହିଛି ଲକ୍ଷେ ଶିବ ପୂଜି ପାଇଛି ତତେ, କେମିତି ଅଛ ନିହାରୀକା, ଭୁଲ ହେଇଗଲା ତତେ ଭଲପାଇ, କଳିଯୁଗର କୁନ୍ତୀ। ଉଭୟ ପଜିଟିଭ୍ ଏବଂ ନେଗେଟିଭ୍ ଭୂମିକାରେ ବେଶ୍ ସୁନ୍ଦର ଭାବରେ ଅଭିନୟ କରିପାରନ୍ତି ରୋଜୀ। ତାଙ୍କ କହିବା ମୁତାବକ ଅଭିନୟ ହେଉଛି ଅଭିନୟ। ତେଣୁ ଯାହା ବି ଭୂମିକା ମିଳୁ ତାହାକୁ ସେ ଯଥାସାଧ୍ୟ ନ୍ୟାୟ ଦେଇ ଜୀବନ୍ତ କରିବେ। ଏହା ହେଉଛି ଜଣେ ଭଲ କଳାକାରର ଲକ୍ଷଣ। ଏଯାବତ୍ ଅଭିନୟ କରିଥିବା ନାଟକଗୁଡ଼ିକ ମଧ୍ୟରୁ ସେ 'କହିଦେଲେ ମୁଁ ମରିଯିବୁ ତୁ' ନାଟକରେ ଅଭିନୟ କରି ବେଶ୍ ଆତ୍ମସନ୍ତୋଷ ଲାଭ କରିଛନ୍ତି। କାରଣ ଏଥିରେ ଅଭିନୟ କରିବାର ଭରପୂର ସୁଯୋଗ ରହିଥିଲା। ପୁଣି ଚରିତ୍ରଟି ମଧ୍ୟ ତାଙ୍କ ମନଲାଖି ଥିଲା। ଯାତ୍ରାକୁ ଭଲ ପାଉଥିବା ରୋଜୀ କହନ୍ତି, ଯାତ୍ରାକୁ ସେ ପେସା ଭାବରେ ଗ୍ରହଣ କରିନାହାନ୍ତି। ଯାତ୍ରା ତାଙ୍କର ଗୋଟେ ନିଶା। ତେଣୁ ଯେତେଦିନ ଯାଏ ଯାତ୍ରା ତାଙ୍କୁ ଭଲ ଲାଗୁଥିବ ଆଉ ଦର୍ଶକମାନଙ୍କର ଭଲପାଇବା ମିଳୁଥିବ ସେତେଦିନ ପର୍ଯ୍ୟନ୍ତ ସେ ଯାତ୍ରାରେ ରହିଥିବେ। ଦର୍ଶକଙ୍କର ମନୋରଞ୍ଜନ କରୁଥିବେ।

# ଅଳ୍ପ ବୟସରେ କଠିନ କାମ

ଇଚ୍ଛାଶକ୍ତି ନିକଟରେ ବୟସର ବାଧକତା ହାର ମାନିଥାଏ। ସେଥିଲାଗି ଅଳ୍ପ ବୟସର ପିଲାମାନେ ବି ଅନେକ କଠିନ କାମ କରି ଦେଖେଇଥାନ୍ତି। ଚାଇନାର ଝାଙ୍ଗ୍ ହୁଇମିନ୍‌ଙ୍କୁ ଦେଖାଯାଉ। ତାଙ୍କୁ ଯେତେବେଳେ ମାତ୍ର ଆଠବର୍ଷ ହୋଇଥିଲା ସେ ନିଷ୍ପତ୍ତି ନେଇଥିଲେ ମାରାଥନ ଦଉଡ଼ିବେ। ପ୍ରଥମେ ତ ବାପାମା'ଙ୍କର ବିଶ୍ୱାସ ହୋଇ



ନ ଥିଲା। କାରଣ ସେମାନଙ୍କ ଦୃଷ୍ଟିରେ ଝାଙ୍ଗ୍ ଥିଲେ କୁନି ଝିଅଟେ। ତାକୁ ବୟସ ମାତ୍ର ଆଠବର୍ଷ। ହେଲେ ସେମାନେ ଏକଥା ଜାଣି ନ ଥିଲେ ଯେ, ତା'ର ସେଇ କୁନି କୁନି ପାଦ ଦୁଇଟାରେ ରହିଛି ଅପରିମିତ ଶକ୍ତି। ଝାଙ୍ଗ୍ ଚାଇନାର ଦକ୍ଷିଣାଞ୍ଚଳ ସହର ସାନ୍ୟାରୁ ତାଙ୍କର ଦୌଡ଼ ଆରମ୍ଭ କରିଥିଲେ। ଆଉ ସଫଳତାର ସହିତ ବେଜିଂ ସହରରେ ପହଞ୍ଚିଥିଲେ। ଏହି ମାଇଲଖୁଣ୍ଟ ଅତିକ୍ରମ କରିବାକୁ ତାଙ୍କୁ ଲାଗିଥିଲା ୫୫ଦିନ। ଝାଙ୍ଗ୍‌ଙ୍କ ସହିତ ତାଙ୍କର ବାପା ଓ ଅନ୍ୟମାନେ ବି ତାଳ ଦେଇଥିଲେ। ତେବେ ସେମାନେ କେତେବେଳେ ସାଇକେଲ୍‌ରେ ତ କେତେବେଳେ ଗାଡ଼ିରେ ଯାଇ ତାଙ୍କର ଉତ୍ସାହ ବଢ଼ାଉଥିଲେ। ଏବେ ଝାଙ୍ଗ୍‌ଙ୍କୁ ୨୦ବର୍ଷ।

ବ୍ୟାକ୍ ପେଜ୍










# ଓଟଙ୍କ ଡାକ୍ତରଖାନା

ମଣିଷଙ୍କ ଭଳି ପଶୁଙ୍କ ପାଇଁ ବି ଡାକ୍ତରଖାନା ଅଛି। ତେବେ ଖାସ୍‌କରି ଦୁବାଇରେ ଓଟଙ୍କ ପାଇଁ ନିର୍ମିତ ଡାକ୍ତରଖାନାର କଥା ଟିକେ ଅଲଗା। ଏଠି କେବଳ ଓଟଙ୍କର ଚିକିତ୍ସା କରାଯାଏ। ଡାକ୍ତରଖାନାଟିର ନାମ ହେଉଛି ‘ଦୁବାଇ କ୍ୟାମେଲ ହସ୍ପିଟାଲ’। ଏ ହେଉଛି ପୃଥିବୀର ଏହିଭଳି ଏକମାତ୍ର ଡାକ୍ତରଖାନା। ଏଠାରେ ବହୁ ଆଧୁନିକ ପଦ୍ଧତି ବ୍ୟବହାର କରାଯାଇଛି। ତେଣୁ ଏହାକୁ ନିର୍ମାଣ କରିବା ଲାଗି ୭୧ କୋଟି ଖର୍ଚ୍ଚ ହୋଇଥିଲା। ଏହା ଏବେ ସାରା ପୃଥିବୀରେ ଚର୍ଚ୍ଚିତ। ଏଠାରେ ଓମାନ୍‌ରୁ ଆରମ୍ଭ କରି ସମ୍ପୂର୍ଣ୍ଣ ସଂଯୁକ୍ତ ଆରବ ଏମିରେଟ୍‌ର ଓଟଙ୍କ ଚିକିତ୍ସା କରାଯାଏ। ଏଠାରେ ପ୍ରାୟତଃ ଓଟଙ୍କ ମାରାଥନ୍‌ରେ ଅଂଶଗ୍ରହଣ କରି ହାଡ଼ଭଙ୍ଗା ଓ କ୍ଷତବିକ୍ଷତ ହୋଇଥିବା ଓଟଙ୍କୁ ଚିକିତ୍ସା କରାଯାଇଥାଏ। ଅନେକ ସମୟରେ ଏଠାରେ ଅପରେଶନ ଥିଏଟରରେ ଓଟଙ୍କୁ ଓଲଟା ଝୁଲାଇ ଚିକିତ୍ସା କରାଯାଇଥାଏ। ହସ୍ପିଟାଲରେ ମୋଟ ୬୫ ଜଣ ମେଡିକାଲ ଷ୍ଟାଫ୍ ଅଛନ୍ତି। ଏଠି ବିଦେଶୀ ବିଶେଷଜ୍ଞଙ୍କ ଟିମ୍ ବି ଅଛନ୍ତି ଓ ଗୋଟିଏ ଥରରେ ୨୨ଟି ଓଟଙ୍କ ଚିକିତ୍ସା କରାଯାଇପାରେ। ତେବେ ଓଟଙ୍କ ଚିକିତ୍ସା ଖର୍ଚ୍ଚ ଏଠାରେ ବହୁତ ଅଧିକ। କେବଳ ଅଲ୍ଟ୍ରାସାଉଣ୍ଡ କରିବା ପାଇଁ ୮ ହଜାର ଟଙ୍କା ଖର୍ଚ୍ଚ କରିବାକୁ ହୁଏ। ଏଠାରେ ଏକ ୫ ମିଟର ଉଚ୍ଚର ଏଣ୍ଡୋସ୍କୋପି ମେଶିନ ବି ଲଗାଯାଇଛି।



# ଡ୍ରେସ୍, ଯାହାକୁ ଛୁଇଁ ହେବନି

ସବୁବେଳେ ସେଲିବ୍ରିଟି ପିନ୍ଧୁଥିବା ପୋଷାକ ଚର୍ଚ୍ଚାକୁ ଆସେ, ଭାଇରାଲ ହୁଏ। କିନ୍ତୁ ନିକଟରେ ଏମିତି ଏକ ପୋଷାକ ଭାଇରାଲ ହୋଇଛି, ଯାହା କୌଣସି ସେଲିବ୍ରିଟିଙ୍କର ନୁହେଁ। ଏହି ଡ୍ରେସ୍‌ର ଆଉ ଏକ ବିଶେଷତ୍ୱ ହେଉଛି ଯେ, ଏହାକୁ ଆପଣ ଚାହିଁଲେ ଛୁଇଁପାରିବେ ନାହିଁ। ହାତରେ ଧରି ପିନ୍ଧି ବି ପାରିବେନି। କାରଣ ଏହା ଏକ ଡିଜିଟାଲ ଡ୍ରେସ୍, ଯାହାର ସତ୍ତା ନାହିଁ। କିନ୍ତୁ ଏହାର ମୂଲ୍ୟ ହେଉଛି ପ୍ରାୟ ୭ ଲକ୍ଷ ଟଙ୍କା। ଡଚ୍ ଫ୍ୟାଶନ ହାଉସ୍ ‘ଦ ଫ୍ୟାବ୍ରିକାଣ୍ଟ’ ଡେପର୍ ଲାବ୍‌ସ ଓ ଆର୍ଟିଷ୍ଟ ଜୋହାନା ଜସ୍କୋଙ୍କ ସହ ମିଶି ଉକ୍ତ ପୋଷାକ ତିଆରି କରିଛି। ଏହାକୁ ୩ଡି ଫ୍ୟାଶନ ଡିଜାଇନ୍ ଓ ଆନିମେଶନ ଦ୍ୱାରା ତିଆରି କରାଯାଇଛି। ଆଜିକାର ଡିଜିଟାଲ ଦୁନିଆରେ ଆମେ ଏହି ପୋଷାକକୁ ଡିଜିଟାଲି ପିନ୍ଧିପାରିବା। ଚାହିଁଲେ ଆପଣ ସେହି ୩ଡି ଡିଜାଇନ୍‌ର ବାସ୍ତବ ପୋଷାକ ମଧ୍ୟ କିଣିପାରିବେ।



# ରେଷ୍ଟୁରାଣ୍ଟରେ ଦିଆଯାଏ ଟଏଲେଟ ପାଣି





ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ବ୍ୟବସାୟୀ ବିଭିନ୍ନ ପନ୍ଥା ଆପଣେଇଥାଆନ୍ତି। ତନ୍ମଧ୍ୟରୁ କିଛି ହୋଇଥାଏ ବେଶ୍ ଅଜବ। ଯେମିତିକି ବେଲ୍‌ଜିୟମ, କୁନେରେ ଥିବା ଏକ ରେଷ୍ଟୁରାଣ୍ଟରେ ଗ୍ରାହକଙ୍କୁ ପିଇବାକୁ ଦିଆଯାଏ ଟଏଲେଟ ପାଣି। ଉକ୍ତ ରେଷ୍ଟୁରାଣ୍ଟର ନାମ ହେଉଛି ‘ଗଟ୍ସ ଯୁକ୍ସ’। ଏଠାକୁ ଆସୁଥିବା ଗ୍ରାହକଙ୍କୁ ଟଏଲେଟ ପାଣି ସହ ସିଙ୍କ ପାଣି ପିଇବାକୁ ଦିଆଯାଏ। ଏହା ଶୁଣି ଆଶ୍ଚର୍ଯ୍ୟ ସହ ଘୃଣା ବି ଲାଗୁଥିବ। ତେବେ ଏହି ଅପରିଷ୍କାର ପାଣିକୁ ଏଠାରେ ରିସାଇକେଲ କରି ତାକୁ ବିଶୁଦ୍ଧ କରି ଗ୍ରାହକଙ୍କୁ ଦିଆଯାଇଥାଏ। ସେଥିପାଇଁ ଉକ୍ତ ରେଷ୍ଟୁରାଣ୍ଟରେ ଏକ ନୂଆ ଟେକ୍ନୋଲୋଜିର ୱାଟର ପ୍ୟୁରିଫାୟର୍ ଲଗାଯାଇଛି। ଉକ୍ତ ପ୍ୟୁରିଫାୟର ନାଳ ପାଣିକୁ ବି ବିଶୁଦ୍ଧ ପାନୀୟ ଜଳରେ ରୂପାନ୍ତରିତ କରିପାରେ। ତେବେ ଖାସ୍ କଥା ହେଲା, ଏହି ପାଣିରେ ମିନେରାଲ୍ସ ବି ରହିଥାଏ। ଗଣମାଧ୍ୟମର ରିପୋର୍ଟ ମୁତାବକ, ଏଠାରେ ନାଳ, ଟଏଲେଟ୍ ଓ ସିଙ୍କ ପାଣିକୁ ପ୍ରଥମେ ପ୍ଲାଣ୍ଟ ଫର୍ଟିଲାଇଜରରେ ସଫା କରାଯାଏ। ଏହାପରେ ସେଥିରେ ବର୍ଷାଜଳ ମିଶାଯାଏ। ଆଉ ତା’ପରେ ତାକୁ ପାନୀୟ ଉପଯୋଗୀ କରିବା ପାଇଁ ୱାଟର ପ୍ୟୁରିଫାୟରକୁ ପଠାଯାଏ। ଉକ୍ତ ରିସାଇକେଲ୍ଡ ପାଣିକୁ ଆଇସ୍ କ୍ୟୁବ୍, ବିୟର ଓ କଫି ପ୍ରସ୍ତୁତିରେ ମଧ୍ୟ ବ୍ୟବହାର କରାଯାଏ।